

Digitized by srujanika@gmail.com

ଶୁଆ ଶାରୀ କାହାଣୀ

(ଚତୁର୍ଥ ଭାଗ)

ଲେଖକ
ଶ୍ରୀ ବୀର କିଶୋର ରାୟ

ଦ୍ୱିତୀୟ ମୁଦ୍ରଣ-୧୯୭୫

ପ୍ରକାଶକ—
ଶାରଦା ପ୍ରେସ
ସେକ୍‌ ବଜାର, କଟକ-୮

ମୂଲ୍ୟ—ଟ ୨-୦୦

Digitized by srujan ka@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠା
୧ । ଲମ୍ବ ନାକଆ ରଜାପୁଅ ଓ କୁସୁମ କୁମାରୀ କାହାଣୀ	୧
୨ । ଘାସିରାମ ଓ ମଲ୍ଲିକା ରାଣୀ କାହାଣୀ	୧୭
୩ । ଇନ୍ଦ ଓ ମଦନପାଳ କାହାଣୀ	୨୮
୪ । ଅପ୍ସରା ଦ୍ୱୀପ ଓ ମନ୍ଦଭସେନ କାହାଣୀ	୩୬
୫ । ସାହାଡ଼ା ସୁନ୍ଦରୀ ଓ ମଦନାନନ୍ଦ କାହାଣୀ	୫୯

Digitized by srujan ka@gmail.com

ସ୍ୱାଦୁ ଷୋହଳିକିଆ

ଶୁଆ ଶାରୀ କାହାଣୀ

(ଚତୁର୍ଥ ଭାଗ)

ଲମ୍ବ ନାକିଆ ରଜାପୁଅ ଓ କୁସୁମ କୁମାରୀ କାହାଣୀ

ପୁଣି ପଢ଼ନ୍ତୁ ସାଗର ପାଳି । ଶୁଆ କାହାଣୀ କହୁ ତାକୁ ଉତ୍ସାହ ଦେଉଥାଏ ଖୁବ୍ ଜୋର୍ ରେ । ତେଣୁ ସେ ଖାଲି ଫାଇଁ ଫାଇଁ ହେଉଥାଏ । ଚଢ଼େଇମାନେ ଶ୍ରେଷ୍ଠିଆ ଗୀତ ହେଲେ କଣ ହେଲା, ସେମାନଙ୍କର ସବୁ ନାକଦଣ୍ଡୀ ଉପରେ । ପାରନ୍ତୁ ନ ପାରନ୍ତୁ ଯାହା ଉପରେ ବସିବେ, ତାକୁ ପୁଳାଏ ଖୁମ୍ପୀ ପକାନ୍ତି । ଟପ୍ ଟପ୍ ଲହୁ ଝାଳ ବି ପକାନ୍ତି ।

କାହାଣୀ ଆରମ୍ଭ କରିବା ଆଗରୁ ଆଗେ କାଶି ଦେଲା ଥରେ ଦି' ଥର । ତା'ପରେ ଲଙ୍ଗୁଡ଼ ଟେକି ମୁଣ୍ଡକୁ ଝାଡ଼ ଉଠାଇ ଜାମୁଡ଼ ହୋଇ କହିଲା—

ଗଲ୍ପ ତ ଗଲା, ଏକ ଗଲା, ଦୁଇ ଗଲା ହଟି
ଲମ୍ବା ନଡ଼ାକୁ ତେଲପା ହାଣ୍ଡିଟି ଚଢ଼ାଇ ଦେଲା ପଟି ।
କୁଆ କହିଲା ରହରେ ମୂଢ଼ ଛେନା ଟିକିଏ ଖା
ମଇନା ଅପା ସଙ୍ଗେ ଖେଳିବୁ ପରବଳିକୁ ଯା ।
ବାଘ ଡାକୁଛି ନାଗ ଛୁଆକୁ ପାଗ ଦେବାକୁ ବାନ୍ଧ
ଘୁଗୁଲ ବୁଢ଼ା ପାଗଳ ହୋଇ ମରୁଛି କାନ୍ଦ କାନ୍ଦ ।

Digitized by srujan ka@gmail.com

ମାଙ୍କଡ଼ ବୁଢ଼ା କାଙ୍କଡ଼ ବଣେ ଧାଡ଼ିକ ପଣେ ବସି
ପାମ୍ପଡ ରଜା ଖାଏ ହେଙ୍କଡ଼ ପରସ୍ପେ ହସି ହସି ।
ଶୁଆପଲଟି ବାଜବ ବଣେ ପଣିକା ଦେଖି ଡର
ଶଙ୍ଖ ଖାଞ୍ଜରେ ବୁଢ଼ା ଶବର ଜ ଲରେ ମେଲ ଧର ।
ଖାଇବୁ ଯେବେ କୁଣ୍ଡା ଖା
ବାବାମ ଘଣ୍ଟା ଟାଣୁ ଥା
ମୁଆଁ ଖାଇ ବୁ ଶୁଆ ବସି ଥା
ଦେଖାଇ ଠିଆ ଠାଣି
ଜନ୍ତର ଲମ୍ବ ନାକଅ। ରଜାପୁଅ
କୁସୁମ କୁମାରୀ କାହାଣୀ ।

ଅଙ୍ଗ ଦେଶର ରଜା । ନାଁ ତାଙ୍କର ମର୍ଯ୍ୟାଦ ବାହୁବଳେନ୍ଦ୍ର । ଆପଣାର ବାହୁ ବଳରେ ଗୋଟିଏ ପ୍ରତାପଶାଳୀ ରାଜ୍ୟ ଶାସନ କରୁ ଥାଆନ୍ତି । ଗୋଟିଏ ହୋଲ ପୁଅ । କାମଦେବ ପରି ଚେହେରା ଦେଖିଲେ ଶତ୍ରୁ ଶଙ୍କି ଯାଆନ୍ତି । ଭଲ ଘୋଡ଼ା ଚଢ଼ି ଜାଣେ । ଶିକାର କରେ । ଯୁଦ୍ଧ କ୍ଷେତ୍ରରେ ତା ନା ଶୁଣାଗଲେ ମାଟେ ଉପ୍ରରେ ଅପର ପକ୍ଷ ଛନ୍ଦଭଙ୍ଗ ଦଅନ୍ତି । ସେଇ ପୁଅ । ନାଁ ତାର ଭୈରବ କୁମାର । ଦିନେ ସାଙ୍ଗ ସାଥୀମାନଙ୍କ ସଙ୍ଗେ ଗଲା ନୌକା ବିହାର କରିବାକୁ ।

ଏଣେ ସନ୍ଧ୍ୟାକାଳୀ ବ୍ଳଲନ୍ତି ଶକ୍ତ ଡର ଡର ହୋଇ । ମନ ତାର ରହିଛି ପ୍ରବାର ପାଖରେ । କେମିତି ତାକୁ ଶୀଘ୍ର ଦେଖିବ । ପଦ୍ମବନ ଥରେ ମୁହଁ ଫୁଲେଇ କହ । ହୋ ଭଦ୍ର ଲୋକ ! ତୁମ କଥାରେ କଣ ଠିକଣା ନାହିଁ କି ? ଲେଉଟି ଆସିବ ବୋଲି କହି ଦେଖା ଦଶନ ବ ଦେଉ ନାହିଁ ?

ଯୋଉ ନଇରେ ଭୈରବ କୁମାର ଓ ତାର ସାଙ୍ଗ ସାଥୀମାନେ ନୌକା ବିହାର କରୁଥିଲେ, ସେଇ ନଈ କୂଳରେ ଦେଖାଦେଲା

Digitized by srujan ka@gmail.com

ସନ୍ଧ୍ୟାବାଳୀ । ମନଟା ଏକ ପ୍ରକାର ମଳିନ ଯାଉଥାଏ । କେବେ କେବେ ବୁଲେ, କେବେ ବସେ, କେବେ କେବେ ଚଢ଼େଇ ପରି ଉଡ଼ ଉଡ଼କା ବୁଲେ । ମନରେ କାହାଣକ ଭୟ ଭ୍ରାନ୍ତି ନ ଥାଏ । ଚନ୍ଦ୍ର ମଣ୍ଡଳର ପିଲା ସେ । ମଣିଷ ନୁହେଁ କି ଦେବତା ନୁହେଁ । ଇଚ୍ଛା ହେଲେ ତଳକୁ ଭୁବନ ଦଣ୍ଡକ ଭିତରେ ବୁଲି ଆସିବ । ତାର ପୁଣି ଭୟ କାହାକୁ ?

କଥାରେ ଅଛି—

ଛୋଟା ଠାକୁର ତଟୁ ଘୋଡ଼ା
ଗଧନ୍ତ ବେଣି କରନ୍ତି ଥୋଡ଼ା ।

ସେମାନଙ୍କର ଆଗ କେତେ, ପଛ କେତେ ? ଭଲ ହେଉ କି ମନ୍ଦ ହେଉ, ମନଟା ଯୁଆଡ଼େ ଝୁଙ୍କିଲା, ସେଇ ଆଡ଼କୁ ଯାଇ ବୁଲେ । ଏଣେ ଇନ୍ଦ୍ରାପୁର ହାତରେ ଝମଟା ଅଛି । ପରବାଏ କଣ ! ସାଙ୍ଗ ସାଥୀମାନେ ଯାହା କହିଲେ ସେଇ କଥାରେ ଏକମତ ହୋଇ କହିଲା—ଧର ।

ଏତକ ଶୁଣିବା ମାତ୍ରେ ତଙ୍ଗା ଖଣ୍ଡିକ କୂଳରେ ବାନ୍ଧ ଛୋଟା ଠାକୁରୁ ଯାକ ଘୋଡ଼ାଇଲେ ସନ୍ଧ୍ୟାବାଳୀକି ।

ଏଥିପାଇଁ ତାର ବ ଭୟ ନ ଥିଲା । ଲୋକ ଗୁଣ୍ଡାଙ୍କର ଅଭିପ୍ରାୟ କ'ଣ ଜାଣିବା ପାଇଁ ପଥର ପରି ଠିଆ ହେଲା ସେ । ଆଖି କୋଣରେ ଖାଲି କୋଣେଇ କୋଣେଇ ଦେଖୁଥାଏ । ଏମାନେ ଯାଇ ଗାଁରେ ପହଞ୍ଚି ଦିବାକୁ ପଚାରିଲା—କଣ ?

କହିଲେ—ଆମେ ଆସିଛୁ ତୁମକୁ ଧରିନେବା ପାଇଁ ।

ପଚାରିଲା—କାରଣ ?

କହିଲେ—ଆମ ମହାରାଜଙ୍କର ଇଚ୍ଛା ତୁମକୁ ରକ୍ଷିତା ସ୍ତ୍ରୀ ଭାବରେ ରଖିବେ ।

Digitized by srujan ka@gmail.com

ହସି ଉଠିଲା ସନ୍ଧ୍ୟାରାଣୀ । ଏଭଳି ଖଡ଼ ଖଡ଼ ଖିଲ ଖିଲ ହସ ଶୁଣି ଯୁବରାଜଙ୍କର ସାଙ୍ଗ ସାଥୀମାନେ ତାକା ତାଠ ବଣିଗଲେ । ମନେ ଭାବିଲେ ଝିଅଟା କଣ ବାଘୁଣୀ ନା ଅସୁରୁଣୀ ?

ତଥାପି ଜଣେ ସାହାସ କରି କହିଲା— ଏମିତି ଭେଳକି ଦେଖାଇଲେ କ'ଣ ଆମେ ଛାଡ଼ିଦେବୁ ? ଭଲରେ ଭଲରେ କହୁଛୁ, ଆମ ସାଙ୍ଗରେ ଚାଲ । ତା' ନ ହେଲେ ଜୋର କରି ଧରି ନେବୁ ।

ସନ୍ଧ୍ୟା କହିଲା—କଡ଼ିଆ କଥା କହୁଛ । ମୋତେ ଜୋର କରି ଧରି ନେଲେ ମୁଁ ମୋତେ ଛିଣ୍ଡା ନାହିଁ । ଏକଥା ଶୁଣି ସମସ୍ତେ ହଠାତ୍ ହଡ଼ବଡ଼ ହୋଇ ଧରି ପକାଇଲେ ତାକୁ । ସେ ପୁଣି ହସି ଦେଇ ଖିଲ ଖିଲ ଖିଲ କହିଲା—

ହାଣ୍ଡି ଖୋଲ଼ ଘର ବଢ଼ିଯାଉ ନାକ
ହାତ ଗୋଡ଼ ସବୁ ହୋଇ ଯାଉ ବାଙ୍କ ।

ସତକୁ ସତ ସେଇଆ ହୋଇଗଲା । ନାକଗୁଡ଼ାମାନ ଗଜହାତ ଲମ୍ବ ହୋଇ ଲାଗିଲା ତଳେ ଲୁଟୁରିବାକୁ । ଆଉ ବା କିସ ଅଛି କ'ଣ ? ନାକ ସମ୍ଭାଳିବେ ନା ସନ୍ଧ୍ୟାକୁ ଧରିବେ ? ଭାରି କଷ୍ଟ ଅଡ଼ୁଆ ହେଲା । ତେଣୁ ବାଧ୍ୟ ହୋଇ ଛାଡ଼ି ଦେଲେ ତାକୁ । ସମସ୍ତେ ଦେଖୁ ଦେଖୁ ଚଢ଼େଇ ଭଳିଆ ଫୁରୁର୍ କରି ଉଡ଼ିଗଲା ସନ୍ଧ୍ୟାରାଣୀ । ଏମାନେ ନାକଟିମାନ କାନ୍ଧରେ ପକାଇ ଲେଉଟିଲେ ଡଙ୍ଗାକୁ । ମନରେ ଭାରି ଦୁଃଖ । କ'ଣ କରିବେ ନ କରିବେ କିଛି ଠିକ୍ କରି ପାରିଲେ ନାହିଁ । ସମସ୍ତେ ଡଙ୍ଗାରେ ବସିବା ମାତ୍ରେ ଭାର ସହି ନ ପାରି ଡଙ୍ଗା ମଧ୍ୟ ବୁଡ଼ିଗଲା । ଯାହା ହେଉ, କଷ୍ଟେ ମଷ୍ଟେ ଲେଉଟି ଆସିଲେ ସହରକୁ । ରାଜ୍ୟ ସାରା ଖବର ପଡ଼ିଲା । ଶହ ଶହ ହଜାର ହଜାର ଲୋକ ଆସିଲେ ଦେଖିବାକୁ । ଏଇ ଯୁବରାଜ କ'ଣ ହେଲା, ସେ ଯୁବରାଜ କେମିତି ହେଲା ? ରଜାପୁଅ ନିଜରେ କିଛି କହୁ ନ ଥାଏ । ସାଙ୍ଗ

Digitized by srujan ka@gmail.com

ସାଥୀମାନେ ବି ସେମିତି ମୁହଁ ବୁଜି ଥାଆନ୍ତି । ମନରେ ସବୁ କାହାଣୀକୁ ଇଚ୍ଛା କରନ୍ତି ନାହିଁ । ଝାଡ଼ା ପରିସ୍ରା ଗଲେ ତାଙ୍କୁ ଠିକ ଜାଗାରେ ପକାଇ ଥାନ୍ତି ।

ରାଜା ରାଣୀଙ୍କ ମନରେ ଭାରି ଦୁଃଖ । କ'ଣ କରିବେ, କେମିତି ପୁଅ ଭଲ ହେବ, ଏଥିପାଇଁ ଶହ ଶହ ଗୁଣିଆ ଓ ବଇଦ ଗଲେଣି । କାହାର ବଳ, ବୁଦ୍ଧି ପାଉ ନାହିଁ । ଖାଲି ପିବା ଆସିଲା କାହାଦୁସ ରପିବା, ଅନ୍ନଧ୍ୱଂସ ଛଡ଼ା କିଛି କାମ ଦେଖାଇବା କଥା ନୁହେଁ । ତଥାପି ଚେଷ୍ଟା ଚାଲିଛି । ପୂରୁଣା ଯାକ ସବୁ ଘରେ ପୂଜି ନୂଆ ଦେବା ଦେଉଛନ୍ତି । ଘଣ୍ଟା, ପାଣି, ଧୂପ, ଦୀପ, ନୈବେଦ୍ୟ ଏବଂ ତେଲ, ମୂଳ, ବଟିକା, ସାଷ୍ଟାଙ୍ଗ; ଦିନରାତି ଖାଲି ନାକ ଶୋଷର ଚିକିତ୍ସା । ସେବା କରିବା ଲୋକେ ସେତିକି ତିକ୍ତ ହେଲେଣି, ଶୁଣିବା ଲୋକେ ବି ସେତିକି ତିକ୍ତ ହେଲେଣି । ଖାଲି ଦେଖିବା ଲୋକଙ୍କୁ କୌତୁକ ଲାଗୁଥାଏ । ସବୁ ପାଖରେ ଦାଣ୍ଡ, ଘାଟ ଓ ଗଛୁଆ ପୋଖରୀ ତୁଠରେ ପିଲା ଛୁଆ ଆସି ଜମା ହେଉଛନ୍ତି ଲମ୍ବନାକଆଙ୍କୁ ଦେଖିବା ପାଇଁ । କେତେ କେମିତି ଲୁଚି ଛପି କରି ପଡେ ଥରେ ଡ଼ର ବି ହୋଇଥାନ୍ତି ।

ନ ଦେଖିବା ଲୋକ ଦେଖ
ଦାଣ୍ଡ ଶୁଣ୍ଢ ପରି ନାକ ।
କାନ୍ଧ ପରେ ଲମ୍ବ ହେଇ
ହୋଇ ଆସିଲାଣି ତାଙ୍କ ।

ଏମିତି ଚାଲିଛି ଲମ୍ବନାକଆଙ୍କର ରହସ୍ୟ । ହାଟ ବଜାର କଚେରୀ ସବୁଠାରେ ଏଇ କଥା ଉପରେ ବାତାବରଣ ସରଗରମ ହୋଇ ଉଠୁଛି । ଲୋକେ ନାନା ପ୍ରକାର ଉପାୟ ଟୁଣୁକା ଟୁଣୁକି ବତାଉ ଛନ୍ତି । ହେଲେ ଫଳା ଫଳ କିଛି ନାହିଁ ।

× × × × ×

ଆଖ ପାଖରେ ଆଉ ଗୋଟିଏ ରାଜ୍ୟ । ବେଶି ବଡ଼ ନୁହେଁ । ମଧ୍ୟମ ଧରଣର ହେଲେ ବି ଶକ୍ତିଶାଳୀ । ସେଠା ରଜାଙ୍କୁ ଲୋକେ ଭାରି

Digitized by srujan ka@gmail.com

ଖାତିର କରନ୍ତି । ଧନ ଦୌଲତରେ ଅଭାବ ନ ଥାଏ । ବାପା ଯେମିତି, ମାଆ ବି ସେମିତି । ତାଙ୍କର ଗୋଟିଏ ବୋଲି ଝିଅ ଛଡ଼ା ଆଉ ପୁଅ ପିଲା କିଛି ନ ଥିଲା । ସେଇ ଝିଅଟିର ନାମ ଦେଇଥିଲେ କୁସୁମ କୁମାରୀ ।

ଅଙ୍ଗ ରାଜାଙ୍କ ପୁଅ ଭୈରବ କୁମାର ସଙ୍ଗେ କୁସୁମ କୁମାରୀଙ୍କୁ ବାହା କରିଦିବ ବୋଲି ଦୁଇ ରାଜାଙ୍କ ମଧ୍ୟରେ ସତ୍ୟ ହୋଇଥିଲା ଅନେକ ଦିନରୁ । ସେତେବେଳେ ଭୈରବ ଓ କୁସୁମ ପିଲା ହୋଇଥିଲେ । ଏବେ ତାଙ୍କର ବୟସ ହେବାରୁ ଲୋକମାନଙ୍କ ମୁହଁରୁ ସମ୍ବନ୍ଧ କଥା ଶୁଣନ୍ତି । ମନେ [illegible] ଥାଏ । ତେଣୁ ଅଦେଖା ଅଜ୍ଞାତରେ ବି ଦୁହିଁଙ୍କର ମମତା ବଢ଼ିଥାଏ ଦୁ'ଜଣଙ୍କ ପ୍ରତି ।

କୁସୁମ ଗୁଣ [illegible] ଓ ବିଦ୍ୟାରେ ସୁବର୍ଣ୍ଣ । ତା ମନ ଭିତରେ କେବେହେଲେ କୌଣସିର ଗୁମର ନ ଥିଲେ ନାହିଁ । [illegible] ଶୁଣି କରି ସନ୍ଧ୍ୟାଦୀପଙ୍କୁ ସେ ଖୁବ୍ ବଡ଼ ଭାବଥାଏ । ତେଣୁ ସ୍ୱପ୍ନରେ ବି କେବେହେଲେ ଭୈରବ ଛଡ଼ା ଅନ୍ୟ ପୁରୁଷ କଥା ମନରେ ସ୍ଥାନ ଦିଏ ନାହିଁ ।

ଯା ଭିତରେ ଭୈରବଙ୍କୁ କମ୍ବୋଜର ବେମାର ଧରିବା କଥା ଶୁଣି କୁସୁମଙ୍କ ବାପା ମା ଯେତେ ଦୁଃଖିତ ହୁଅନ୍ତି, କୁସୁମ ତା ଅପେକ୍ଷା ବେଶି ଦୁଃଖିତା ହୋଇ ପଡ଼ନ୍ତି । କାହିଁକି ଏଭଳି ତା ଭାଗ୍ୟ କପଟ କଲେ, ସେ ବା ତାଙ୍କ ନିକଟରେ କି ଅପରାଧ କରିଥିଲା ବୋଲି କେବେ କେବେ ଗଲେ ଆଖିରୁ ଲୁହ ଗଡ଼ାଇ କାନ୍ଦେ । [illegible] କୋଟି ଦେଉଁ ଦେବତାଙ୍କୁ ଗୁହାରି କରେ । ହେଲେ କେହି ତା ଡାକ ଶୁଣନ୍ତି ନାହିଁ କି ମନ କଥା ବୁଝନ୍ତି ନାହିଁ ।

ଶିକ୍ଷା ଆଦିକା ଲୋକମାନଙ୍କ ପାଖରୁ ଭୈରବର ସମ୍ବାଦ ବୁଝି ତା [illegible] ଗୋଟିଏ ଆଶୀର୍ବାଦ ବନ୍ଦୋବସ୍ତ

Digitized by srujan ka@gmail.com

କରୁଥାଏ । ରାଣୀଙ୍କ ଗୁଣ ଅତୁଳ । ତାଙ୍କରେ ଗଣ୍ଡି ପକାଇବାକୁ କହିଲେ ଗୋଡ଼ରେ ଗଣ୍ଡି ପକାଇଦେବ । ତା ନାଁ କମଳୀ ।

କମଳୀ ନିତ ଗୁପ୍ତ ସନ୍ଧାନ ନେଇ ଭୈରବର ଖବର ଦେଉଥାଏ କୁସୁମ କୁମାରୀ ପାଖରେ । ମାତ୍ର ସବୁ ସେଇ ପୁରୁଣା କଥା । ନୂଆ କଥାର ଉଦ୍ଭବ ଉପସର୍ଗ କିଛି ନାହିଁ ।

ଏମିତି ଅନେକ ଦିନ ଯାଏ ଶୁଣି ଶୁଣି କୁସୁମ ଦିନେ କମଳୀକି କହିଲା—ତୁ ଯା, ମୋ ବାପ ମାଙ୍କୁ କହିବୁ ମୋତେ ଅନୁମତି ଦେଲେ ମୁଁ ଯିବ ଭୈରବଙ୍କୁ ଭଲ କରିବାକୁ । କମଳୀ ଯାଇ କହିବାରୁ ସେମାନେ ମନା କରି ଦେଲେ । କହିଲେ—ପର ଝିଅକୁ ପର ପୁଅ । ଅବଶ୍ୟ ପ୍ରସଙ୍ଗ ପଡ଼େ । ସ୍ୱା ବୋଲି ହେଲେ ହେଲା କ'ଣ ? ଭୈରବ ବେମାରିଆ ହୋଇଗଲା । ଆମେ ଆମ ଝିଅକୁ ଅନ୍ୟ ଠେଇଁ ବାହା କରିଦେବୁ । ବୃଥାଟାରେ କୁସୁମ କାହିଁକି ଯିବ ତା' ପାଇଁ କଷ୍ଟ କରିବାକୁ ?

କୁସୁମ ଶୁଣିଲା । କହିଲା—ସେ କଥା ହୋଇ ପାରିବ ନାହିଁ । ବାପ ମା ଯାହା ହାତରେ ମୋତେ ଟେକି ଦେବେ ବୋଲି ଥରେ ସତ୍ୟ କରି ସାରିଛନ୍ତି, ତା ଛଡ଼ା ମୁଁ ଆଉ ଅନ୍ୟ କାହାକୁ ବାହା ହେବି ନାହିଁ । ସାବିତ୍ରୀ ସତ୍ୟବାନ୍‌ର ପ୍ରାଣ ବଞ୍ଚାଇବା ପାଇଁ ଯେମିତି ଅଦମ୍ୟ ଚେଷ୍ଟା କରିଥିଲେ, ମୁଁ ସେମିତି ଚେଷ୍ଟା କରିବି । ତେଣିକି ମୋ ଭାଗ୍ୟ ।

କମଳୀ ପୁଣି ଯାଇ ରଜାରାଣୀଙ୍କୁ କହିଲା । ରଜାରାଣୀ ଆଉ ବାଧା ଦେଇ ପାରିଲେ ନାହିଁ । କୁସୁମକୁ ଡାକି ପଚାରିଲେ—ତୋର ଇଚ୍ଛା କଣ ?

କୁସୁମ କହିଲା—ମୋତେ ତାଙ୍କ ସଙ୍ଗେ ଶୀଘ୍ର ବାହା କରି ଦିଅ । ମୁଁ ତାଙ୍କ ପାଖେ ପାଖେ ରହି ଅବସ୍ଥା ଭଲ କରି ଦେବି । ରଜାରାଣୀଙ୍କର ଧର୍ମ-ବିଶ୍ୱାସ ଥିଲା । ତେଣୁ ସେମାନେ ପ୍ରତିବାଦ

Digitized by srujan ka@gmail.com

ନ କରି ଖବର ଦେଲେ ଭୈରବଙ୍କର ବାପା ବୋଉଙ୍କ ପାଖକୁ । ସେମାନେ ଅମାତ୍ୟମାନଙ୍କୁ ପଚାରିଲେ । କଥାଟା କ୍ରମେ କ୍ରମେ ବହୁଲୋକଙ୍କ କାନକୁ ଗଲା । ଭୁଣ୍ଡ ବାଜିବାକୁ ବେଳ ଲାଗେ କି ? ରାଜ୍ୟ ଭିତରେ ଶହ ଶହ କୋଶ ଯାଏ ଗପ ଚଳିଲା । ଲମ୍ବନାକଆର କାହାଘର । ଯିଏ ଶୁଣିଲା ସିଏ ହସିଲା, ମୁହଁ ମୋଡ଼ିଲା, ଥଟ୍ଟା କଲା । ପଞ୍ଝାଏ ଲୋକଙ୍କର କୁସୁମ କୁମାରୀର ମୁଣ୍ଡ ଖରାପ ହୋଇଛି । ତା ନ ହେଲେ ଲମ୍ବନାକଆକୁ ଶ୍ରଦ୍ଧା କରନ୍ତା କାହିଁକି ?

ଯାହାହେଉ; ଗୋଟାଏ ଖୁସି ଅଖୁସିର ସନ୍ଧିକ୍ଷଣରେ ଭୈରବର କାମଟା ବଢ଼ିଗଲା । ବେଦୀରୁ ଉଠିବା ମାତ୍ରେ କୁସୁମ କହିଲା—ଆମେ ଆଜ ଏଠାରୁ ଚାଲିଯିବା । ଆଉ ଏ ରାଜ ନଅରରେ ରହିବା ନାହିଁ । ନଦୀଘୋଡ଼ ବଣ ମଝିରେ ତମ୍ବୁ ପକାଇ ରହିବା । ଛଅ ମାସ ପର୍ଯ୍ୟନ୍ତ ଆମେ ମଲୁ କି ଗଲୁ, ସେ କଥା କେହି ବୁଝିବାକୁ ଯିବେ ନାହିଁ ।

ଭୈରବ ବାପା ତା କଥା ମାନିଲେ । ନଦୀଘୋଡ଼ ବଣ ମଝିରେ ଗୋଟିଏ ଭଲ ଜାଗା ଦେଖି ତମ୍ବୁ ଘର ପଡ଼ିଲା । ଛଅମାସ ପାଇଁ ଖାଦ୍ୟ, ପାନୀୟ, ଲୁଗା ପଟା ସରଞ୍ଜାମ ହାତୀ ଘୋଡ଼ାଙ୍କ ପିଠିରେ ଲଦା ହୋଇଗଲା । ପୁଅ ବୋହୂ ରହିବା ପାଇଁ ଯେମିତି କିଛି ଅସୁବିଧା ନହେବ, ସେଥିପାଇଁ ରଜା ସବୁ ଯୋଗାଡ଼ କରି ଦେଲେ । କୁସୁମ ତା ସ୍ୱାମୀ ଭୈରବକୁ ନେଇ ରହିଲା ସେଇଠି ।

ନଦୀଘୋଡ଼ ବଣ । ଅଚଳ ମହାମେରୁ ସ୍ୱାମୀଟିକୁ ନେଇ ନୂତନ ଯୁବତୀଟିଏ ଏକାକିନୀ ରହିବା କିଛି ସାମାନ୍ୟ କଥା ନୁହେଁ । ଏଥିପାଇଁ ସମସ୍ତଙ୍କ ମନରେ ଦୁଃଖ । କେହି କେହି କହୁଥାନ୍ତି ଦୁହେଁ ଯାକ ସିଆଡ଼େ ବାଘ ଭାଲୁଙ୍କ ମୁହଁରେ ଯିବେ । ଏକା ରଜା ବିଚଳିତ ହୁଅନ୍ତି ନାହିଁ । ରାଣୀ କାନ୍ଦା କଟା କରିବା ଦେଖି ବେଳେ ବେଳେ ସାନ୍ତ୍ୱନା ଦେଇ କହନ୍ତି—

Digitized by srujan ka@gmail.com

ଯାହା ଘଟେ ଯାହା ଲେଖିଛି ଦଇବ ।
ସର୍ବ୍ବ ଇର୍ଷ୍ବ ଥାଉ ସେହ୍ନ
ଭୋଗିବାକୁ ତାକୁ ପଡ଼ିବ ସେ ଯୋଗ
ଖଣ୍ଡି ନ ପାରିବେ କେହ୍ନ ।

ମନ୍ତ୍ରୀ ବି ସେଇ କଥା କହନ୍ତି । ଯେଉଁ ଦିନ ରାଣୀ ଅତି ବ୍ୟାକୁଳ ହୋଇ ପଡ଼ନ୍ତି ସେଦିନ ପୁରାଣକାରମାନେ ଆସି ପଢ଼ନ୍ତି ସାବିତ୍ରୀ ସତ୍ୟବାନ ଓ ନଳଦମୟନ୍ତୀଙ୍କ ଚରିତ । ନ ମରୁ ପତି, ନ ପାଉ ଗତି, ଏକଗତି ହେଉ ସପତି ରାଜି କଥା କହନ୍ତି । ଏମିତି ଏମିତି ତାଙ୍କ ଦିନକାଳ ଗୁଡ଼ାକ କଟି ଯାଉଥାଏ ।

ତେଣେ କୁସୁମ ପ୍ରତିଦିନ ସ୍ନାନ ଉଠି । ବୁଡ଼ି ସାରି ବନଦେବୀଙ୍କୁ ପୂଜା ଆରାଧନା କରେ । ତାପରେ ଗୋଟିଏ ଅନ୍ନ ବ୍ୟଞ୍ଜନ ଦିଏ ପକ୍ଷୀମାନଙ୍କୁ ଓ ଆଉ ଗୋଟିଏ ପଶୁମାନଙ୍କୁ । ଦ୍ୱିପ୍ରହରେ ଆସନ୍ତି ପକ୍ଷୀ, ସନ୍ଧ୍ୟାକୁ ଆସନ୍ତି ପଶୁ । ସଙ୍କେତ ଦେବା ପାଇଁ ଠିକ୍ ବେଳରେ ଘଣ୍ଟା ବଜାଏ । ଶବ୍ଦ ଶୁଣିବା ମାତ୍ରେ ସେମାନେ ହଜାର ହଜାର ସଂଖ୍ୟାରେ ଆସନ୍ତି । କୁସୁମ ବନଭୋଜ ସେତିକ ବାଢ଼ି ଦିଏ, ବନଦେବୀଙ୍କ ଦୟାରୁ ତାହା ହଜାର ସେତିକ ହୋଇଯାଏ । ପଶୁପକ୍ଷୀମାନେ ଖାଇ ଖାଇ ଆନେକତା ହୋଇ ବସାକୁ ଫେରନ୍ତି । ଗଲା ବେଳେ କହି ଯାଆନ୍ତି ତାହାର ମନବାଞ୍ଛା ସିଦ୍ଧି ହେଉ । ଏମିତି ଏମିତି ବାରମାସ ଗଲା । କିନ୍ତୁ କୁଆଡ଼ୁ ଭଲମନ୍ଦ ଜଣା ନ ପଡ଼ିବାରୁ ଦିନେ କୁସୁମ କୁମାରୀ ଗୋଟିଏ ଗଛମୂଳେ ରାତି ସାରା ବସି ଭାରି ଦୁଃଖରେ କାନ୍ଦିଲା । ସେଇ ଗଛରେ ଗୋଟିଏ ଫୁଲ ଶାଗୁଣାର ବସା । ବହୁ କାଳର ବୁଢ଼ା ଚଢ଼େଇ ସେ । ଦେଶ ବିଦେଶ ଦେଖିଛି ଔଷଧ ପତ୍ର ବି ଜାଣେ । ସବୁ ଦିନେ ବଳି ପାରୁଣ ଖାଇବାକୁ ଆସେ । କୁସୁମର କୌଣସି କଥା ଜାଣିବା ପାଇଁ ତାର ଆଉ ବାକି ନ ଥାଏ । ସେ ଦିନ ତାର କାନ୍ଦଣା ଦେଖି ଭାରି ବ୍ୟସ୍ତ ହେଲା ସେ । ରାତି

Digitized by srujan ka@gmail.com

ଖାଇବାକୁ ମୋତେ ଏ ସବୁ ଥାଉ କହନ୍ତି—ଅନେ କ୍ଷେପ ? ତୁ ଆଉ କାହା କଥା କର ନାହିଁ । ତୋ ଦଶା ଫେରିବାକୁ ମୋତେ ଗୋଟିଏ ମାସ ବାକି ଅଛି । ଜଙ୍ଗଲର ପଶୁପକ୍ଷୀ ମାନେ ତୋ ଉପରେ ଖୁବ ସନ୍ତୋଷ ହେଲେଣି । ତେଣୁ ସବୁର କରୁଛନ୍ତି ମହାଦେବୀ ଦୁର୍ଗାଙ୍କୁ ପୂଜା କରି ଗୋଟିଏ ବୁଟୀ ତିଆରି କରିବେ ଓ ତୋତେ ଦେଇଦେବେ । ତୁ ସେଇ ବୁଟୀ ସାହାଯ୍ୟରେ ସ୍ୱାମୀକୁ ଭଲକରି ପାରିବୁ ।

ସତକୁ ସତ ହେଲେ ସେୟା ହେଲା । ପଶୁ ପକ୍ଷୀମାନେ ମିଳି ମହାଦେବୀଙ୍କୁ ପୂଜା କଲେ । ଦେବୀ ସେମାନଙ୍କୁ ଦେଲେ ଦୁର୍ଗାବୁଟୀ । ଯୋଉଦିନ ଛାଅମାସ ପୂର୍ଣ୍ଣ ହେଲା ପକ୍ଷୀମାନେ ନେଉଳ ଦ୍ୱାରା ହାତରେ ବୁଟୀଟି ପଠାଇଲେ କୁସୁମ ପାଖକୁ । କୁସୁମ ତାକୁ ଅତି ଯତ୍ନରେ ଭୈରବକୁ ଖୋଇ ଦେବା ପରେ ନାକଟି ଧୀରେ ଧୀରେ ଠିକ୍ ହୋଇଗଲା ତାର । ଦୁହେଁ ଯାକ ଖୁସି ହେଲେ । ହମ୍ବ ଇତ୍ୟାଦି ସବୁ ସେଇଠି ଥାଏ, ଗଲେ ଘରକୁ ।

ପୁଅ ଭଲ ହୋଇ ଆସିବା ଦେଖି ରଜାରାଣୀ ଖୁସି ହେଲେ । ପ୍ରଜାମାନେ ପ୍ରଶଂସା କଲେ କୁସୁମ କୁମାରୀର । ରାଣୀଙ୍କ ଗୋଡ଼ ମୋଟେ ତଳେ ଲାଗିଲା ନାହିଁ । ଗୁଣବତୀ ବୋହୂକୁ ସେ କୋଳ ଧରିଲେ । ଭୈରବର ସାଙ୍ଗ ସାଥୀମାନେ ଆସି ଅଳି କଲେ ତାଙ୍କ ନାକ ଗୁଡ଼ାକ ଠିକେଇ ଦେବାକୁ । କୁସୁମ ଦୁର୍ଗାବୁଟୀ ସାହାଯ୍ୟରେ ସମସ୍ତଙ୍କୁ ଭଲ କରି ଦେଲା । କାହାରି କିଛି ଅସୁବିଧା ନ ଥାଏ । ଭୈରବ କୁସୁମକୁ ନେଇ ଚଳୁଥାଏ ଆନନ୍ଦରେ ।

ହଠାତ୍ ସୃଷ୍ଟି ହେଲା ଗୋଟିଏ ନୂଆ ପ୍ରକାର ତୋଫାନ । ଭୈରବ ଥରେ ଦେଶ ଭ୍ରମଣକୁ ଯାଇ ଗୋଟିଏ ମାଲ୍ୟାଣୀ ଘରେ ବସାକରି ରହିଲା । ତାର ଗୋଟିଏ ମାତ୍ର ଝିଅ ଛଡ଼ା ଆଉ କେହି ନ ଥାନ୍ତି । ଝିଅଟି ଦେଖିବାକୁ ସୁନ୍ଦରୀ । ଭଲ କଥା ବୋଲି ପାରେ ।

Digitized by srujan ka@gmail.com

ଲକ୍ଷ୍ୟାଣୀଳା ଦୁହେଁ । ଗୀତ ଧାନ ସବୁଥିରେ ପାରଙ୍ଗମ । ଅଳ୍ପଦିନ ହେଲ ସୁବନ୍ଧୁ ହୋଇଥାଏ । ରଙ୍ଗ ଲାଗି ଆସୁଥାଏ ଜୀବନରେ । ଏମିତି ବେଳେ ଦେଖା । ଭୈରବ ତାଙ୍କୁ ଆପଣାର କରୁ କ ନକରୁ ସେ ତାଙ୍କୁ ଆପଣାର କରି ନେଲା । ନେତ୍ରରେ ନେତ୍ର ମିଶିବାର ଅଳ୍ପ ସମୟ ଆଗରୁ ଦୁହେଁ ବସିଥିଲେ ଫୁଲ ବଗିଚାରେ । ପାଖରେ ଥାଏ ଶିବ ମନ୍ଦିର । ମାଳ୍ୟାଣୀ ଝିଅ ମଲ୍ଲିକା ସେଇଠି କୁସୁମ ଦେଇ ପରୁଣିଲା ଭୈରବକୁ । ତୁମେ ବିବାହିତ କି ଅବିବାହିତ ?

ମିଛ କହିଲା ଭୈରବ । କାରଣ ସତକଥା କହିଲେ ମଲ୍ଲିକା ଲାଳେ ହାତ ମୁଠାକୁ ନ ଆସିବ । ତେଣୁ ଭୁଲାଇ ଦେବାକୁ ଚେଷ୍ଟା କରି କହିଲା—ମୁଁ ବିଭା ହୋଇ ନାହିଁ ।

ମଲ୍ଲିକା କହିଲା—କୁସୁମ କଣ ତୁମ ମୋ ଛଡ଼ା ଅନ୍ୟ କାହାରିକୁ ବିଭା ହେବ ନାହିଁ ତ ? ଭୈରବ କହିଲା—ନାହିଁ । ମଲ୍ଲିକାର ଆଉ ଆପତ୍ତି କରିବାର ନ ଥିଲା । ତେଣୁ ସେ ଫୁଲମାଳ ଦେଇ ବରଣ କଲା ଭୈରବକୁ । ତା'ପରେ ପ୍ରେମ ପ୍ରୀତିର ବିହାର, ମନ ଫୁଲାଣିଆ ଗୀତ ଓ ରଙ୍ଗ ରହସ୍ୟ କଥା । ମନରେ ମନ ଓ ପ୍ରାଣରେ ପ୍ରାଣ ମିଶିଗଲା । ତା' ପ୍ରେମରେ ଛନ୍ଦି ହୋଇ ଭୈରବ ଏକ ପ୍ରକାର ଭୁଲିଗଲା କୁସୁମ କୁମାରୀଙ୍କ । ଘରକୁ ଫେରିଯିବା କଥା ମନ କଲା ନାହିଁ । ସବୁବେଳେ ରହିଲା ମଲ୍ଲିକା କଥାରେ । ସଙ୍ଗରେ ଯାହା ଟଙ୍କା ପଇସା ଆଣିଥିଲା, ଦେଖୁ ଦେଖୁ ସେତକ ସରି ଆସିଲା । ମାଳ୍ୟାଣୀଟି ଗରିବ । ଜଣେ ରଜାପୁଅ ଖର୍ଚ୍ଚ ଯୋଗାଇବାକୁ ସମ୍ପୂର୍ଣ୍ଣ ଅକ୍ଷମ । ତେଣୁ ଘୋର ଅସୁବିଧା ପଡ଼ିଲା । ମଲ୍ଲିକା କହିଲା—ଆଉ ଏଠି ରହି ଚଳି ହେବ ନାହିଁ । ଚାଲ ତୁମ ଘରକୁ ଯିବା ।

ଭୈରବ କରେ କ'ଣ ? ବଡ଼ ଅଡୁଆରେ ପଡ଼ିଗଲା । ଘରେ ଅଛି କୁସୁମ । ଏଠି ଅଛି ମଲ୍ଲିକା । ନିଜର ଅଭିଳାଷ ପୂର୍ଣ୍ଣ କରିବା

Digitized by srujan ka@gmail.com

ପାଇଁ ମଲ୍ଲିକା ଆଗରେ କଞ୍ଚା ମିଛ କଥା ଗୁଡ଼ାଏ କହିଛି । ଏଇକ୍ଷଣି ତାକୁ ନେଇ ନଅରକୁ ଗଲେ ବଡ଼ କିଛି ଗଣ୍ଡଗୋଳ ଘଟିବ । ଏଭଳି ସଙ୍କଟ ସନ୍ଧି ବେଳାରେ କଣ କରିବ ନ କରିବ କିଛି ସ୍ଥିର କରି ନ ପାରି ଖାଲି ଭାବିବାକୁ ଲାଗିଥାଏ ।

କଥାରେ ଅଛି—ମଣିଷ ନୂଆ ପାଇଲେ ପୁରୁଣାକୁ ପାଶୋରି ପକାଏ । ସେତକୁ ସେତ ଭୈରବ ଏବେକ୍ଷଣି ନୂଆ ପାଇଛି । ମନଟା, ନାଚି ଉଠିଛି ନୂଆ ପ୍ରେମରେ । ତେଣୁ ଇଚ୍ଛାପୂର୍ବ ହୋଇ ମଧ୍ୟ ଗୁପ୍ତ ବେଶଧରି ମାଳ୍ୟାଣୀ ଘରେ ଦିନ କଟାଉଛି । ମନରେ ଦବାଇ ଚ ଆସୁନାହିଁ । ମଲ୍ଲିକା ତାର ମାନସୀ, ମଲ୍ଲିକା ତା ପ୍ରାଣର ପ୍ରତିମା, ମଲ୍ଲିକା ତାର ସବୁ । ତାକୁ ଛାଡ଼ି ଦେଇ ପାରିବା ଭଳି ସାହାସ ତାର ମୋଟେ ନାହିଁ ।

ଭ୍ରମଣକୁ ଆସି ଆଜି ଗୋଟିଏ ବର୍ଷ ହେବା କଥା ରଜାରାଣୀ ତ ଜାଣନ୍ତି ନାହିଁ । ଜାଣିଲେ ସେମାନେ ସମର୍ଥନ କରିବେ କି ନ କରିବେ । ତା’ପରେ କୁସୁମ କୁମାରୀ କଥା । ହଠାତ୍ ସ୍ୱୟମ୍ବରଣୀ ବିବାହ ଲାଗି ଯାଇ ଥାଏ ! ସେତେବେଳୁ ସମ୍ଭବ ସେ ଗର୍ଭବତୀ ହୋଇଛନ୍ତି । କଣ କରିବ, ଏ ଜଟିଳ ସମସ୍ୟାର ସମାଧାନ କି ଉପାୟରେ କରିହେଇ ପାରିବ ବୋଲି ଭାବି ଭାବି କିଛି ଥଳ ପାଉନାହିଁ କି ଗତି ବି ସରୁ ନାହିଁ । ସ୍ୱଳ୍ପ ଦିନ ଗତ ହୋଇଗଲା । ଚଳିବାକୁ ବଡ଼ ଅସୁବିଧା । ମଲ୍ଲିକା ଆଜି ଦଣ୍ଡେ ଏଠି ରହିବା ପାଇଁ ରାଜ ନଦେବା ଦେଖି ଭୈରବ କହିଲା—ତୁମେ ଯୋଡ଼ିଏ ମାସ ଦିନ ଏକାକିନୀ ହୋଇ ରୁହ । ମୁଁ ଯାଉଛି ଗୋଟିଏ କାମରେ । ଫେରି ଆସିଲା ପରେ ଦୁହେଁ ସାଙ୍ଗ ହୋଇ ଯିବା ଆମ ନଅରକୁ ।

ମଲ୍ଲିକା ସେଥିରେ ରାଜି ହେବାରୁ ଭୈରବ ଯାଇ ପହଞ୍ଚିଲା ରାଜବାଟିରେ । କୁସୁମର ମନଟା ସ୍ଥିର ନ ଥାଏ କେବଳ ଭୈରବ ଲାଗି । ସଞ୍ଜ ନାହିଁ ସେ । ପଣ ହିଁ ତାର ଏକମାତ୍ର ଜୀବନ । ହଠାତ୍

Digitized by srujan ka@gmail.com

ଭୈରବ ଦେଶ ଭ୍ରମଣ କରିବାକୁ ଯାଇ ଫେରିବା ବିଳମ୍ବ ହେବାରୁ ମନ ତାର ମଳିନ ପଡ଼ିଥିଲା । ବର୍ତ୍ତମାନ ଭୈରବ ଘରକୁ ଫେରିବା ଦେଖି ଆନନ୍ଦରେ ଅଧୀର ହେଉଥାଏ ।

ସେ ଦିନ ରାତିକ ଦୁହେଁ ଏକାଠି ହେଲା ବେଳେ ଅନେକ ବିଷୟ କଥାବାର୍ତ୍ତା ହେଲେ । କୁସୁମ ପଚାରିଲା ବିଦେଶ ଭ୍ରମଣ କଥା । ମାତ୍ର ଭୈରବ ପ୍ରକୃତ କଥା ନ କହି ଏଣୁ ତେଣୁ ଭୁଲାଇ ଦେଲା । କୁସୁମ କି କହୁ ପ୍ରତିବାଦ କଲା ନାହିଁ । ସ୍ୱାମୀ ଯାହା କହୁଛନ୍ତି ସବୁ ସତ ବୋଲି ଧରିନେଲା ।

ଭୈରବ ତାକୁ କଥାରେ ଭୁଲା ଭୁଲି କରି କହିଲା—ବନସ୍ତ ଭିତରେ ଗୋଟିଏ ପୁରୁଣା ଆଶ୍ରମ ଅଛି । ସେ ଆଶ୍ରମରେ କେହି ନ ଥିଲେ ମଧ୍ୟ ସ୍ଥାନଟି ଦେଖିବାକୁ ଭାରି ସୁନ୍ଦର । ତା ପାଖକୁ ଲାଗି ବହି ଯାଉଛି ଗୋଟିଏ ଝରଣା । ସେ ଝରଣାର ପାଣି ଗୁଡ଼ିକ ଦେଖିବାକୁ ଦୁଧପରି ଧଳା । ସେଥିରେ ନାଲି ନେଳ ଓ ହଳଦିଆ ବର୍ଣ୍ଣର ଗୁଡ଼ିଏ ମାଛ ଖେଳୁଛନ୍ତି । ଏଭଳି ମାଛ କେହି କେବେ ଦେଖି ନ ଥିବେ । ସେଠାରେ ପହଞ୍ଚି ଆସିବାକୁ ଆଉ ପାଦ ଚଳିଲା ନାହିଁ । ମନ ହେଲା କାଳ କାଳ ଯାଏ ଘର କରି ରହିବାକୁ । ତେଣୁ ଅଟକି ଗଲି । ତୁମ କଥା ଥରକୁ ଥର ମନେ ପଡ଼ି ଅସ୍ତବ୍ୟସ୍ତ କରିବାରୁ ଘରକୁ ଆସିଲି ସତ କିନ୍ତୁ ମନଟା ଅଟକି ଯାଇଛି ସେଇଠି ।

କଥା ଶୁଣି କୁସୁମର ମନ ହେଲା ଟିକଏ ଦେଖି ଆସିବାକୁ । ପିଞ୍ଜରା ବନ୍ଦ ଚଢ଼େଇ ପରି ଘର କୋଣରେ ବନ୍ଦିନୀ ସେ । କେବେ-ହେଲେ ବାହାରର ପାଣି ପବନ କିମ୍ବା ଖୋଲା ଆକାଶର ଖୋଲା ଆଲୋକ ପାଇ ପାରି ନାହିଁ । ତେଣୁ ଏ କଥା ଶୁଣି କୁସୁମ ଯିବାକୁ ଅସ୍ଥିର ହୋଇ ପଡ଼ିଲା । ଭୈରବ ପାଖରେ ବହୁତ ଅନୁନୟ ବିନୟ କରି ଜଣାଇଲା ସେଠାକୁ ଯିବାପାଇଁ ।

କଥାରେ ଅଛି—

Digitized by srujan ka@gmail.com

ମନ୍ତ୍ର ଖୋଜୁଥିଲ କାକର ପାଣି
ବୈଦ୍ୟ ଦେଲ ତାକୁ କରପ ଆଣି ।

କୁସୁମର ଅଗସ୍ତ ଭୈରବ ପକ୍ଷେ ହେଲା ବିଧାତାର ଆଶୀର୍ବାଦ । ତେଣୁ ପରଦିନ ସକାଳୁ ଦୁହେଁ ବାହାରି ପଡ଼ିଲେ ଆଶ୍ରମ ଦେଖିବାକୁ ।

ଅଗ୍ନି ଅଗ୍ନି ବନସ୍ତ । ଜନ ମନୁଷ୍ୟ କଥା ଦୂରେ ଥାଉ, ଚଢ଼େଇ ଶଗୁଣୀଙ୍କ ରବ ବି ସେଠି ଶୁଣାଯାଏ ନାହିଁ । ପାହାଡ଼ ସବୁ ଠିଆ ହୋଇଛି ଆକାଶ ପର୍ଯ୍ୟନ୍ତ ମୁଣ୍ଡ ଉଠାଇ କରି । ନାନା ପ୍ରକାର ପତ୍ରଲତା ଛନ୍ଦା ଛନ୍ଦି ହୋଇ ବାଟ ଘାଟ ସବୁ ବନ୍ଦ କରି ଦେଇଛନ୍ତି । ମଣିଷଟିଏ ଗଲେ ଗଳି ଗଳି କଷ୍ଟରେ ଯିବାକୁ ପଡ଼େ । ଗୋଟିଏ ବୋଲି ବାଟ । କୋଉ ଦୂର ଦୁର୍ଗନ୍ତକୁ ଲମ୍ବି ଯାଇଛି ଯେ ତାର ସୀମା ସରହଦ ନାହିଁ । ମଝି ବାଟରେ ସାତିପନ୍ଥ ପର୍ବତ । ସେଇ ପର୍ବତରେ ମାରଣା ଖଣ୍ଡ ରହିଛି ବୋଲି ଶୁଣାଯାଏ । ଭୈରବ ବି ସେ କଥା ଶୁଣିଛି । ତେଣୁ କୁସୁମକୁ ନେଇ ସେଇଠି ପହଞ୍ଚିଲା ।

ଖରାବେଳ । ଖରା ଶୋଷରେ କାତର ହୋଇ ପଡ଼ିଲା କୁସୁମ । ପଚାରିଲା—ସେ ଆଶ୍ରମ ଆଉ କେତେ ଦୂର ପଡ଼ିବ ?

କହିଲା—ସନ୍ଧ୍ୟା ସୁଦ୍ଧା ଆଶ୍ରମ ପହଞ୍ଚି ଯିବା ।

କୁସୁମ କହିଲା —ମୋତେ ଭାରି ଶୋଷ ହେଲାଣି । ଭୈରବ କହିଲା ତୁମେ ଗଛ ଛାଇରେ ଟିକିଏ ବସ । ମୁଁ ଯାଉଛି ଏଇ ଘାଟି ପାର ହୋଇ ସେ ପାଖରୁ ପାଣି ନେଇ ଆସିବି । କୁସୁମ ବସିଲା । ଭୈରବ ଯେ ଗଲା ପାଣି ପାଇଁ ସେ ଗଲା । ଆଉ ଲେଉଟିଲା ନାହିଁ । ଯିଆଡ଼େ ସିଆଡ଼େ ପହଞ୍ଚିଲା ମଲ୍ଲିକା ଘରେ । ମାତ୍ର ଗୋଟିଏ ଦିନ ସେଠାରେ ବିଶ୍ରାମ କରି ମଲ୍ଲିକାକୁ ନେଇ ବାହାରିଗଲା ଆପଣା ନଅରକୁ ।

କୁସୁମ ସେଇଠି ବସି ବସି ରାତି ହେଲା । ଭୈରବ କୁଆଡ଼େ ଗଲା, ଭଣ ହେଲା ବୋଲି ଘଡ଼ ଘଡ଼ ମୁଣ୍ଡରେ ଛିଣ୍ଡି ସବୁ ଲାଗିଲା

Digitized by srujan ka@gmail.com

ଟିକି ଟିକି ଦେବାକୁ । ସେ କେବଳ କାନ୍ଦିବାକୁ ଲାଗିଲା । ତାର ସେ କାହାଣୀ ଶୁଣିବା ପାଇଁ ପାଖରେ ବା କିଏ ? ସୁତରାଂ କାନ୍ଦି କାନ୍ଦି ଏକ୍ସରଣୀ ମୂର୍ଚ୍ଛାରେ ଢଳି ପଡ଼ିଲା ।

ପରଦିନ ସକାଳେ ଯେତେବେଳେ ଚେତନା ହେଲା, ସେତେ-ବେଳେ ଦେଖିଲା ଜଣେ ଗେରୁବସ୍ତ୍ର ଧାରଣୀ ପ୍ରସନ୍ନ ବଦନା ସନ୍ୟା-ସିନୀ ତା'ପାଖରେ ବସି ଶୁଶ୍ରୂଷା କରୁଛନ୍ତି । ତାଙ୍କ ଆଖିରେ ଢଳ ଢଳ ହେଉଥାଏ ଅଶ୍ରୁ ।

କୁସୁମ ପଚାରିଲା—ତୁମେ କିଏ ମା ? ମୁଁ ଏଠାକୁ କିପରି ଆସିଲି ?

ସନ୍ୟାସିନୀ ତାକୁ ବୈରବର ସମସ୍ତ ଘଟଣା ବୁଝାଇ ଦେଇ କହିଲେ, ମୁଁ ମଧ୍ୟ ତୋରି ପରି ପୁରୁଷର ପ୍ରତାରଣା ପାଇ ସନ୍ୟାସିନୀ ହୋଇଛି ଝିଅ । ସେ କଥା ଆଜି କହିଲେ ଆଖିରେ ଲୁହ ଆସିବ । କାଳକ୍ରମେ ସବୁ କଥା ପାଶୋରି ପକାଇଛି । ପ୍ରଭୁଙ୍କ ଦୟାରୁ ଜାଣି ପାରୁଛି ତିନି କାଳର କଥା । ଯୋଗ ରାଜ୍ୟରେ ନିଜକୁ ଗୋଟିଏ ପୂଜା ରୂପେ ସ୍ଥାନ ଦେଇ ପରମ ଶାନ୍ତିରେ ଅଛି । ତୋ ସ୍ୱାମୀ ତୋତେ ଠକିଛି । ତୁ ଆଉ ତା କଥା ଭାବି ନିଜ ଶରୀରକୁ ନଷ୍ଟ କର ନାହିଁ । ଗୋଟିଏ ମାଲ୍ୟାଣୀ ଝିଅକୁ ବାହା ହୋଇ ତୋତେ ତ୍ୟାଗ କଲା ସେ । ବୁଝିଲୁ ?

କାଳକୂଟ ବିଷ ଦେଇ ଜାଣେ ଏକା
ନାଗକୁ ପୁରୁଷ ଅତି ବିଶ୍ୱାସେ
ସରଳା ରମଣୀ ମରେ ତାହା ପାଇଁ
ପ୍ରେମ ପ୍ରୀତି ରସେ ମଜ୍ଜିବା ଆଶେ ।
ପୁରୁଷ ଅଟଇ କପଟ ସମ୍ରାଟ
କୂଟ କପଟରେ ମେରୁ ମନ୍ଦର
ଲମ୍ପଟେ ପଡ଼ାଇ ତରୁଣୀ ଯାବନେ
ଲଗାଏ ଚପଟ ଆଉ ହୃଦର ।

Digitized by srujan ka@gmail.com

ତାହାକୁ ବିଶ୍ୱାସ କର ତୁ ଗୋ ବାଳା
ଠିକରୁ ଏଥର ଖୋଜ ତୋ ସହା
ଭାଗ୍ୟ ଥିଲେ ପୁଣି ଲଗିବ ଶରୀରେ
ମନ୍ଦା ଯୋଗ ବାନ୍ଧି ମଳୟ ବାଆ ।

କୁସୁମର ଆଉ ଖବର କ'ଣ ? ସେଇଦିନ ଠାରୁ ଭୈରବର ଆଶା ଛାଡ଼ି ସେଇ ସନ୍ନ୍ୟାସିନୀଙ୍କର ଶିଷ୍ୟା ହେଲା । ସାରା ଜୀବନ କଟାଇଲା ସନ୍ନ୍ୟାସିନୀ ହୋଇ । ମାଲ୍ୟାଣୀ ଝିଅ ମଲ୍ଲିକା ସଙ୍ଗେ କାଳ କାଟୁଥିଲା ଭୈରବ । ଖୁବ୍ ଆନନ୍ଦରେ ।......

ବୁଝିଲୁ ନା ଶୁଆ । ପୁରୁଷ ମାନଙ୍କର ଗୁଣଗ୍ରାମ ଏହିପରି ।

ଶୁଆ କହିଲା—ଚାଲ୍, ଚାଲ୍, ସାରୀ ! ପୁରୁଷମାନଙ୍କ ଦୁର୍ଗୁଣ କହି ମୋ ପାଖରୁ କ'ଣ ବଳାଇ ଯିବୁ ତୁ ? ବୁଝ ଆରେ ପୁରୁଷ ଅପେକ୍ଷା ନାରୀମାନେ ବିଶ୍ୱାସଘାତିନୀ ବେଶି । ସେ କଥାର ପ୍ରମାଣ ମୁଁ ହାତେ ହାତେ ରଖିଛି । ମନ ଦେଇ ଶୁଣ୍ । ଏହି କଥାଠୁଁ ଲଗେଇ କେମିତି କଥା ଘଡ଼ି ଦେବ ଦେଖିବୁ ।

ସାରୀ କହିଲା—ଭଲ ହେଲା । ଯାହା କହିବାର କହି ଯା; ମୁଁ ଶୁଣିବା ପାଇଁ ପୂରା ପ୍ରସ୍ତୁତ ହୋଇ ବସିଛି ।

ଶୁଆ କହିଲା—ଶୁଣ ।

ଠକ ଯାଉଥିଲା ନଈ ବନ୍ଧରେ
ଠକୁଣୀକି ଘେନି ବାଆଁ କାନ୍ଧରେ ।
କୁମ୍ଭୀର କହିଲା ଓଲୁଙ୍କ ପୁଅ
ଜଳ ପାଇଁ ନଜେ ଖୋଜୁଛୁ କୂଅ ।
ଗଛ ଡାଳେ ଥିଲା ନଘା ସୈତାନ
କୁମ୍ଭୀରକୁ ଯାଇ ଦେଲା ଚୈତନ
କହିଲା କାହିଁକି ଗୁପତ କଥା
କହି ଦେଲୁ ? ତୋର କାଟିବ ମଥା ।

Digitized by srujan ka@gmail.com

କୁମ୍ଭୀର ମାଇଲା ଖଗ କାନ୍ଥରେ
ସେ ତାନ ପଶିଲା ତମ୍ବା ଘଡ଼ିରେ ।
ଉଡ଼ିଲା ପବନେ ଦେଇ ତଳଇ
ମେରୁ ପରବତ ହେଲା ବଜର ସେ
ପଥର ପିଇଲା ପାଣି
'ଶୁଣୁ ଥିବୁ ସାରୀ ! ଘାସିରାମ ଆଉ
ମଲ୍ଲିକା ରାଣୀ କାହାଣୀ ।

ଘାସିରାମ ଓ ମଲ୍ଲିକା ରାଣୀ କାହାଣୀ

ଭୈରବ ମଲ୍ଲିକାକୁ ସଙ୍ଗରେ ଆଣି ରାଜକାର୍ଯ୍ୟରେ ପହଞ୍ଚିବାର କେତେଦିନ ପରେ ରଜାରାଣୀ ସମସ୍ତେ ଗଲେ ସେ ପୁରକୁ । ତା'ପରେ ଭୈରବ ହେଲା ରଜା । ଦିନ କାଳ ଗୁଡ଼ାକ କଟାଇଲା ଖୁବ୍ ଆନନ୍ଦରେ । ମଲ୍ଲିକା ପାଟରାଣୀ ହୋଇ ଖୁସିରେ ଥାଏ । ରାଜ୍ୟର ରାଜରାଣୀମାନେ ତାର ବୋଲକରା ହୋଇଥାନ୍ତି । ଏମିତ କାହାର କ୍ଷମତା ନ ଥାଏ, ଯେ କି ମଲ୍ଲିକାର କଥା ଅବଜ୍ଞା କରି ପାରିବ ।

ଭୈରବ ତା ଜୀବନ ଭରି ଭଲପାଏ ମଲ୍ଲିକାକୁ । ଯେତେବେଳେ ଯାହା ମାଗେ କି ଫରମାସି କରେ, ତାହା ଆଣି ଯୋଗାଇ ଦିଏ । କେତେବେଳେ ହେଲେ ତା ମନରେ ଦୁଃଖ ଦେବାକୁ ଚେଷ୍ଟା କରେ ନାହିଁ । କେବଳ ବେଳେ ବେଳେ କୁସୁମ କଥା ମନେ ପଡ଼ାଇ ଟିକିଏ ଦୁଃଖିତ ହେଉଥାଏ ।

ଘୋଡ଼ା ସନ୍ଧଣଟିଏ । ନାମ ତାର ଘାସିରାମ । ଜାତିରେ ହରଜନ ସେ । ଦେଖିବାକୁ ସୁନ୍ଦର । ଝଲମଲ ଝଲମଲ ଗୋଡ଼ ହାତ ମୁଠା ମୁଠା ପରି । ମୁହଁଟି ଚେଣାଧ୍ୟାନ ଯେମିତ, ସୁନ୍ଦର ଓ [illegible] । ଷୋଳଲକ୍ଷ ବର୍ଷ ଶେଷ ହୋଇ ଜୋଡ଼ିଏ

Digitized by srujan ka@gmail.com

ବୁଲୁଥାଏ । ହେଲେ ଗରିବ ସେ । ପେଟ ପାଇଁ ମୁଣ୍ଡ ଝାଳକୁ ପାଦ କରେ । ଛିଣ୍ଡା ଲେଙ୍ଗୁଡ଼ା ମଇଳା ସାତସିଆଁ କନ୍ଥା ପିନ୍ଧିଛି । ବନସାର ମାଟି ସଙ୍ଗେ ମାଟି ଓ ଘୋଡ଼ା ସଙ୍ଗେ ଘୋଡ଼ା ହେବାପାଇଁ ପଡ଼େ ତାକୁ । ତାର ବଡ଼ଲୋକଙ୍କ ନାହିଁ କି ମନରେ ଗର୍ବ, ଦମ୍ଭ, ଅଭିମାନ କିଛି ନାହିଁ । ଖଟେ, ଖାଏ । ଜଗତକୁ ଦେଖେ ଅତି ସ୍ନିଗ୍ଧ ଦୃଷ୍ଟିରେ ।

ସେଇ ସାଇସିରାମ । ଦିନେ ଫୁଲ ବଗିଚାରେ ବସି ଘାସ ବାଛୁଥିଲା ଖୁରୁପୀ ଖଣ୍ଡେ ଧରି । ଯୁବକ ସୁଲଭ ବାଳ ଚପଳତା ହେତୁ ଗୀତ ପଦେ ପଦେ ବି ବୋଲି ଦେଉଥାଏ । ଦିନ ଆସି ଶେଷ ହେବା ଉପରେ । ଏମିତି ବେଳେ ରାଣୀ ମଲ୍ଲିକା ଯୋଡ଼ିଏ ଦାସୀଙ୍କ ସଙ୍ଗରେ ଆସିଲା ଉଦ୍ୟାନ ଭ୍ରମଣକୁ । ନଜର ପଡ଼ିଲା ସାଇସିରାମ ଉପରେ । ମନଟା ତାଙ୍କର ସତକୁ ସତ ଚହଲି ଉଠିଲା । ଦଣ୍ଡେକ ଯାଏ ଗୋଟିଏ ଫୁଲଗଛ ପାଖରେ ଠିଆ ହୋଇ ଲୋଭିଲା ଆଖିରେ ଅନାଇ ରହିଲେ ତାକୁ । ତା ପରେ ଦାସୀଙ୍କ ପଚାରିଲେ—ଏ ଟୋକାଟି କିଏ ?

ଦାସୀ କହିଲେ—ସେ ପରା ଆମ ଘୋଡ଼ା ସଇସ ।

ପଚାରିଲେ—ରହେ କେଉଁଠି ?

କହିଲା—ଘୋଡ଼ାଶାଳରେ ।

ଏତିକି କଥା ଶୁଣିବା ପରେ ଲୁମା ପଡ଼ିଲା ମଲ୍ଲିକା । ମନ ଭିତରେ କେମିତି ଗୋଟାଏ ଖଟକା ଆସିଲା । ଦାସୀ ସଙ୍ଗେ ଆଉ କିଛି କଥାବାର୍ତ୍ତା ନ କରି ଲେଉଟି ଗଲା ଉଆସକୁ । ଖାଇବା ଶୋଇବା ଇତ୍ୟାଦିରେ ମୋଟେ ଶାନ୍ତି ଆସିଲା ନାହିଁ ତାର । ଅନବରତ ବେଳକୁ ବେଳ ଗରୁଆ ହୋଇ ଆସୁଥାଏ । ଯେତେ ଇଚ୍ଛା କରୁଥାଏ ଭୁଲି ଯିବାକୁ ମୋଟେ ପାରୁ ନ ଥାଏ । ବେଳକୁ ବେଳ ସେଇ ସାଇସିରାମ ସଇସର ରୂପଟା ତା ପ୍ରାଣ ଭିତରେ ଆଙ୍କି

Digitized by srujan ka@gmail.com

ହୋଇ ଯାଉଥାଏ । କଣ କରିବ ? କପରି ସେ ତାକୁ ଟାଣି ଆଣିବ ଆପଣା ପାଖକୁ, ଏଥିପାଇଁ ବହୁତ କଥା ଭାବୁଥାଏ ମନ ଭିତରେ ।

ସେଦିନ ଗନ୍ଧକ ରାଜା ଭୈରବ ଆସି ଦେଖିଲେ ମଲ୍ଲିକାର ମନ ମୋଟେ ଠିକ୍ ନାହିଁ । ତେଣୁ ପଚାରିଲେ—ହଜିଥିଲେ ଖୋଜି ଦେବି, ଭାଙ୍ଗିଥିଲେ ଗଢ଼ିଦେବି, ମନକଲେ ଆକାଶର ଚାନ୍ଦ ପଡ଼ାଇ ଦେବି । ଆମ ରାଜବାଟୀରେ ଏମିତି କଣ ନାହିଁ ଯେ କୋଉ କଥା ପାଇଁ ତୁମେ ମନକଷ୍ଟ କରୁଛ ।

ମଲ୍ଲିକା କହିଲା—ମୋର କିଛି ଅଭାବ ନାହିଁ ମହାରାଜ ! କାଲି ସପନ ଦେଖିଲି—ଗୋଟାଏ ଅସୁର ହାତରେ ଗୋଟାଏ ଖଣ୍ଡା ଧରି ଗନ୍ଧକ ଆସିବ, ଶୋଇବା ଶେଯରେ ତୁମକୁ ହାଣି ଦେବାକୁ । ସେତିକ ବେଳୁ ମୋ ମନଟା ମୋଟେ ଠିକ୍ ରହୁନି ।

ଭୈରବ ହସିଲେ । କହିଲେ—ସପନ କଥା କଣ ସତ ହୁଏ ?

ମଲ୍ଲିକା କହିଲା—ସବୁ ସପନ କଥାଯାକ ଯେ ମିଛ, ଏ କଥା ନୁହେଁ । କେତେବେଳେ ସପନର ଫଳ ସତକୁ ସତ ଫଳିଯାଏ । ଜାଣିକ ନା, ମୁଁ ଏଇ ସପନ ଦେଖିଲା ପରେ ଖୁବ୍ କାନ୍ଦିଲି । ମନଟା ଚୂରିପୁରି ଭାଙ୍ଗି ଗଲା । ଏଥି ପାଇଁ ମନେ ମନେ ମହାପ୍ରଭୁଙ୍କୁ ଡାକ ଡାକ ପୁଣି ଶୋଇ ପଡ଼ିଲି ନିଦରେ । ବ୍ରାହ୍ମଣ ଜଣେ, ମୁଣ୍ଡରେ ଜଟା । ଜଟାଭିତରେ ନାଗସାପ, ଗଳାରେ, ହାତରେ ସବୁଠି ସାପ ଗୁଡ଼େଇ ହୋଇଥାନ୍ତି । ଆଖି ଯୋଡ଼ାକ ଦେଖାଯାଉଥାଏ ମନ୍ଦାର ଫୁଲ ଭଳି । ବାଁ ହାତରେ ତ୍ରିଶୂଳ ଓ ଡାହାଣ ହାତରେ ଡମ୍ବରୁ ଧରି ପହଞ୍ଚିଲେ ମୋ ମୁଣ୍ଡ ପାଖରେ । କହିଲେ—ଆଲୋ ଝିଅ ! ତୁ ଯୋଉ ସପନ ଦେଖିଲୁ ସେଥିରେ ମିଛ ନାହିଁ । ପ୍ରକୃତରେ ଅସୁର ଚେଷ୍ଟା କରୁଛି ତୋ ସ୍ୱାମୀଙ୍କ ପ୍ରାଣ ଚୋରେଇ ନେଇ ଯିବାକୁ । ତେଣୁ ଗୋଟିଏ କାମ କରିବାକୁ ପଡ଼ିବ ।

ଭୈରବ ପଚାରିଲେ—କଣ ସେ କାମଟା ?

Digitized by srujan ka@gmail.com

କହିଲା—ସେ କହିଲେ, ଅସ୍ତାଚଳରେ ଗୋଟିଏ ସବୁଜ ଟୋକା ଅଛି । ଜନ୍ମ ହେଲା ବେଳେ ପ୍ରଭୁ ତାକୁ ଏଭଳି ଗୋଟାଏ ଶକ୍ତି ଦେଇଛନ୍ତି ଯେ, ଖଣ୍ଡା ଖଣ୍ଡେ କି ଧନୁଶର ଖଣ୍ଡେ ଧରି ସେ ଯୋଉଠି ଜଗି ବସିବ, ସେଠି ଅସୁର ଅସୁରୁଣୀ, ଭୂତ ପ୍ରେତ କେହି ପଶି ପାରିବେ ନାହିଁ ।

ଭୈରବ କହିଲା—କେବେ ତ କଡ଼ିଆ କଥା । ସବୁଜ ଟୋକା ଆମ ପାଖରେ ଚାକରୀ କରେ । ଘୋଡ଼ା କାମ କରିବାକୁ ଅଛି ନ ହେଲା ନାହିଁ ବର୍ତ୍ତମାନ କାମ କରିବ । ଯାହା ହେଉ ·····ତୁମର ଇଚ୍ଛା କଣ କୁହ ?

ମଲ୍ଲିକା କହିଲା—ତାକୁ ଭଲ ଭଲ ପୋଷାକ ପିନ୍ଧ ଦେଇ ଧନୁ ଶର ଓ ଖଣ୍ଡା ଦିଅ । ସେ ତୁମ ଅଙ୍ଗରକ୍ଷୀ କାମ କରିବ ଏବଂ ରାଣୀହଂସପୁରରେ ପହରା ଦେବ । ସେ କଥାରେ ଭୈରବ ରାଜି ହେବାରୁ ମଲ୍ଲିକା ମନରେ ଆନନ୍ଦ ଆସିଗଲା । ତା ପରଦିନ ଠାରୁ ବାସିଗାମ ହେଲା ରାଣୀହଂସପୁରର ଜଗୁଆଳ । ଖୁବ୍ ଅଳ୍ପଦିନ ମଧ୍ୟରେ ମଲ୍ଲିକାର ତା ସଙ୍ଗେ କଥାବାର୍ତ୍ତାର ଜମି ଗଲା ଖୁବ୍ ଭଲ ଭାବରେ । ଖାଇବା ପିଇବା ଓ ନବାବୀ ଖର୍ଚ୍ଚ କରିବାକୁ ଖୁବ୍ ଧନ ଦେଲା ତାକୁ । ଦିନକୁ ଦିନ ସେ ରାଜା ଅପେକ୍ଷା ମଲ୍ଲିକା କଥାକୁ ଖୁବ୍ ମାନିଲେ ।

ଜଉ ଯେତେ କଠିନ ହେଉ ପଛକେ ଥରକୁ ଥର ନିଆଁ ତାପ ପାଇଲେ ଆରମ୍ଭ କରେ ତରଳି ବାକୁ । ବାସିଗାମ ଗୀତ ଜାଣେ ଓ ସୁନ୍ଦର ବୋଲି ରାଣୀ ପାଖରେ ନିଜକୁ ଯେତେ ସଂଯତ ରଖିଲେ କଣ ହେବ, ରାଣୀର ହାବ ଭାବ, ଥଟ୍ଟା ପରିହାସ ଓ ଆଖପାଖରେ ଘୋଳେଇ ହୋଇ ଦେହ ଘଷା କରିବା ଫଳରେ ଚହଲି ଉଠିଲା । ବଳ କଳ କୌଶଳରେ ମଲ୍ଲିକା ତାକୁ କରି ନେଲା ଶଯ୍ୟାର ଉପଭୋଗର ପ୍ରିୟତମ ସାଥୀ ।

Digitized by srujan ka@gmail.com

କଥାରେ ଅଛୁ—

ଅଭ୍ୟାସ କରଇ ଯେହ୍ନ ଯେ ବିଦ୍ୟାକୁ
ସେ ବିଦ୍ୟାର ନାନା ପଥ
କ୍ରମେ କ୍ରମେ ଆସେ ତା ଅନୁଭବକୁ
କରାଇବାକୁ ସମର୍ଥ ।

ସ୍ନେହ ପ୍ରୀତିରେ ମନକୁ କେମିତି ବଜାଇ ଦେଇ ଲୁହାଇ ରଖିବାକୁ ହେବ, ସେ କଥା ମଲ୍ଲିକା ଠିକ୍ ଜାଣି ନେଇଥାଏ । ଏତମାନ୍ତି ଶିଖି ନେଲାଣି । ତାର ବଳରେ ଭୈରବକୁ ପଲ୍ୟଙ୍କରେ ଅଚେତ କରି-ଦେଇ ଗୁଡ଼ାଏ ବିତାଇ ଦିଏ ସକ୍ଷଣ ସଙ୍ଗରେ । ଜୀବନର ଖାଲି ରଙ୍ଗ ଲାଗେ ନାହିଁ ଯେ ସାରା ଦୁନିଆ ରଙ୍ଗୀନ୍ ହୋଇଯାଏ । ଏ ସବୁ କଥାର ବିନ୍ଦୁ ବିସର୍ଗ କିଛୁ ଟେର ପାଏ ନା ଭୈରବ ।
ଦିନେ ଜଣେ ସନ୍ନ୍ୟାସୀ ଆସି ଅତିଥି ହେଲେ ରାଜବାଟୀରେ ।

ଯିବା ବେଳେ କହିଗଲେ—

ମୁଖରୁ ନ ଛାଡ଼ି ନାଶୀ ଅନ୍ତରୁ ଚିହ୍ନିବ
ଶତ୍ରୁ କିବା ମିତ୍ର ବ୍ୟବହାରରୁ ଜାଣିବ ।
ପ୍ରବେଶ ହୋଇଛି ତୁମ ଗୃହେ ଅସୁରୁଣୀ
ଭ୍ରମରେ ପଡ଼ିଛ ତୁମେ ସବୁ ଜାଣି ଶୁଣି ।

ଭୈରବ ଇଚ୍ଛା କଲା ଏ କଥାର ଅର୍ଥ ଜାଣିବାକୁ । ମାତ୍ର କିଛି କହିଲେ ନାହିଁ ସନ୍ନ୍ୟାସୀ । କେବଳ ମୁରୁକେଇ ମୁରୁକେଇ ହସୁଥାନ୍ତି ମନଭିତରେ ଘୁଣ ପୋକ ଲାଗିଲା ଭୈରବର । କଥାଟା କଣ ଜାଣିବା ପାଇଁ ବହୁତ ସଂଗ୍ରାମ କଲା ଅନେକ ବନ୍ଧୁର ସଙ୍ଗେ । ତେବେ ସୁଦ୍ଧା କିଛି ଠିକ୍ କରି ପାରିଲା ନାହିଁ । ଶେଷକୁ ଖୋଜି ଖୋଜି ଆଉଥରେ ଗଲା ସେଇ ସନ୍ନ୍ୟାସୀଙ୍କ ପାଖକୁ । କଥାର ପ୍ରକୃତ ଅର୍ଥଟା ନ ଜାଣିଲେ କପରି ହେବ ?

Digitized by srujan ka@gmail.com

ଏହି କଥା ଶୁଣି ସେନେ ମଣବନ୍ଧ ସଭରେ କାହାରିକୁ କିଛି ନ କହି ଧ ବୋଲି ବାହାର ଗଲ ମବୋଡ଼ ବଣକୁ । ନଈକୂଳଆ ବାଟ । ଅଣ୍ଡା ଲାଗୁଥାଏ । ପାହାନ୍ତ ବେଳକୁ ଆଖି ଯୋଡ଼ାକ ମାଡ଼ ମାଡ଼ ପଡ଼ଲା । ବେତ ମୂଣ୍ଡରେ ଲଣ୍ଠନ ଚନ୍ଦ୍ରା ଓ ଝଲସ । ତେଣୁ ଟେଣାଟିଏ ଗଛମୂଳେ ଜଣ୍ଡକ ପାଇଁ ଶୁମାଇ ପଡ଼ନ୍ତି କ ନାହିଁ, ଏମିତ ବେଳେ ନୋଡ଼ଏ କାକଭୁଆ ଆସି ବସିଲେ ଡାଳରେ । ମାଣ କାକଭୁଆ ତଳକୁ ଅନାଇ କେଇ ପଚ୍ଛରଲ— ଏ ଲୋକଟି କିଏ ?

ଅଣ୍ଡିରା କହିଲା—ଏଇ ରାଜ୍ୟର ରଜା ।

ପଚ୍ଛିଲା—ରଜାଟା ଖଟ ପଲଙ୍କ ଛାଡ଼ ବାହାରି ଗୁଡ଼ ଏଠି ଶୋଇଛନ୍ତି କାହିଁକି ?

କହିଲା—ଗୋଟିଏ କଥାର ଅର୍ଥ ବୁଝିବାକୁ । ମାତ୍ର ଲୋକଟା ବଡ଼ ବୋକା ।

ପଚ୍ଛିଲା—କପରି ବୋକା ?

କହିଲା—ଅର୍ଥ ଅଛି ଆପଣା ଘରେ । ଆପଣା ଘରଜାଈକୁ ପରୀକ୍ଷା ନ କରି ମିଛରେ ବାହାରିଛି ବଣକୁ । ବୁଝିଲୁନା, ଏଇ ରଜା ତା ଘରଯାଈକୁ ଖୁବ୍ ଭଲ ପାଏ । ଘରଜା ଭଲ ପାଏ ଗୋଟିଏ ସହିସକୁ । ତାର ସଙ୍ଗରେ ପଡ଼ି ମନର କାମ୍ନା ମେଣ୍ଟାଉଛି ସେ । ଯାହାକୁ ଭଲପାଇ ରଖିଛି ଖାଲି ମାୟାରେ । ରଜା ହୋଇ ଆଜ ଯାଏ ଏତେକ କଥା ଜାଣି ପାରିଲା ନାହିଁ । ଯେତେବେଳେ ଜାଣିବ, ସେତିକ ବେଳେ ମରିବ ।

ପଚ୍ଛିଲା—କପରି ?

କହିଲା—ରାଣୀ ଏହା ମଧ୍ୟରେ ଗୋଟିଏ ମଣ୍ଡପ ତୋଳାଉଛି । କିଛିଦିନ ଗଲେ ସେଇ ମଣ୍ଡପରେ ସହିସ ଟୋକାକୁ ନେଇ ରହିବ । ଏ କଥା ଦେଖି ରଜା ଯିବ ତାକୁ ମାରିବାକୁ । ଏଥିପାଇଁ ସେ ମଣ୍ଡପ

Digitized by srujan ka@gmail.com

ମୂଳଦୁଆରେ ଖଞ୍ଜିଛି ଗୋଟିଏ ଯନ୍ତ୍ର ଖଣ୍ଡା । ତାର ମୁଦ ଲାଗିଛି ଅଗଣା ବାଟରେ । ଏ ରଜା ମାରିବାକୁ ଗଲା ମାତ୍ରେ ସେ ମୁଦଟିକୁ ଚିପିଦେଲେ ଖଣ୍ଡା ଯାଇ ଦେବ ବେଗେ ସେ; ରଜାର ଗଣ୍ଡି ମୁଣ୍ଡ ଅଲଗା ଅଲଗା ହୋଇଯିବ ।

ପଚାରିଲା—କ'ଣ କଲେ ରାଜାଙ୍କ ଏ ବିପଦରୁ ରକ୍ଷା ପାଇବ ?

କହିଲା—ଆଗରେ ଗୋଟିଏ ଗଛ ଅଛି । ସେଥିରେ ନାଲି ଟୁକୁ ଟୁକୁ ହୋଇ ବଡ଼ିଆ ଫଳ ଗୁଡ଼ାଏ ପାଚିଛି । ତାର ନାମ ମନରଙ୍ଗା ଫଳ । ରଜା ସେଥିରୁ ଗୋଟିଏ ନେଇ ଯେବେ ସେ ରାଣୀକୁ ଖୁଆଇ ଦେବ, ତେବେ ତାର ମନଟା ଜମ୍ମେ ଫେରିଯିବ ସନ୍ତୁଣ ଚୋରା ଉପରୁ ।

ପଚାରିଲା—ଆଉ କଣ ମୋଟେ ଯୋଡ଼ ହେବ ନାହିଁ ?

କହିଲା—ରଜା ଯେବେ କାଠ ପ୍ରତିମା ହୋଇଯିବ, ତେବେ ପୁଣି ସେ ଦୁହିଁଙ୍କ ମନ ଯୋଡ଼ ହୋଇଯିବ ।

ପଚାରିଲା—କାଠ ପ୍ରତିମା କେମିତି ହେବ ରଜା ?

କହିଲା—ଫଳ କଥାଟି ଓ ନାଆଁଟି କହି ଦେଲେ ।

ଏ କଥାଟି ଶୁଣି ମାଈ ପକ୍ଷୀଟା କହିଲା—ହରେକୃଷ୍ଣ ହରେ ହରେ

ଅଣ୍ଡିରା କହିଲା—ହରେ ରାମ ହରେ ହରେ ।

ତା ପରେ ଦୁହେଁ ଉଡ଼ିଗଲେ ଆଉ ଗୋଟିଏ ଗଛକୁ ।

ଭୈରବ ଚେଇଁ କରି ସବୁ କଥା ଶୁଣୁଥାଏ । ରାତି ପାହିବା ମାତ୍ରେ ଗଛ ଖୋଜା ଖୋଜି କରି ଗୋଟିଏ ମାତ୍ର ଫଳ ତୋଳିଲା ଓ ଲେଉଟି ଗଲା ରାଜବାଟିକୁ । ଭାରି ସୁନ୍ଦର ଫଳ । ବଡ଼ିଆ ମହକ । ଦେଖିଲେ ଲୋଭ ହେବ ଖାଇଦେବାକୁ । ମନ କଥା ମନରେ ରଖି ମଲ୍ଲିକା ହାତରେ ଦେଲା ଓ କହିଲା ଏହାର ନାମ—ସୁଧା ଫଳ । ଏହାକୁ ଖାଇଲେ ଯୌବନଟା ମଉଳି ଯାଏ ନାହିଁ । ଅତଏବ ତୁମେ

Digitized by srujan ka@gmail.com

ଶୀଘ୍ର ଖାଇଦିଅ । ରାଣୀ କହିଲେ— ରହ । ମୁଁ ଟିକିଏ ପରେ ଖାଇବି । ଭୈରବ ଦେଇ ଦେଲା । ରାଣୀ ଭାବିଲେ—ମୋ ଅପେକ୍ଷା ସ୍ୱାମୀଙ୍କ ପାଇଁ ଫଳଟା ବେଶି ଦରକାର । ଯୌବନଟା ତା ପାଖରେ ଚିରଦିନ ରହିଲେ ମୋର ସିନା ଉପକାର ହେବ । ନହେଲେ ଯୁବତୀ ହୋଇ ତାଙ୍କୁ ବୁଢ଼ା କରି ଦେଲେ ଫଳ କଣ ? ଏହି କଥା ଭାବି ସେ ଫଳଟି ଦେଲା ସ୍ୱାମୀଙ୍କୁ ।

ସତ୍ତ୍ୱଶ ଲୋକ । ପାଇବା ମାତ୍ରେ ଖାଇ ଦେଲା । ସେଇଦିନଠୁଁ ଆରମ୍ଭ ହେଲା ଉପଦ୍ରବ । ମନ ଇଚ୍ଛା ଭଙ୍ଗି, ଆଡ଼ୁଆ ଟେଢ଼ୁଆ କଥା ରାଣୀ ତାକୁ ଯେତେ ଆଦର କଲେ ବି ସେ ଆଉ ଆଖିରେ ଅନାଇ ବାକୁ ରାଜି ହେଲା ନାହିଁ । ଏ ସବୁ ଘଟଣା ଦେଖି ଫଳ କଥାଟି ମନେ ପଡ଼ିଲା ।

ସତ୍ତ୍ୱଶ ଟୋକା ଏଣିକି ଆଉ ରାଣୀହଂସପୁର ଦୁଆରେ ଚଢ଼ିବାକୁ ରାଜି ହୁଏ ନାହିଁ । ମନ ଇଚ୍ଛା ଏଣେ ତେଣେ ବୁଲେ । ମଲ୍ଲିକା ଡକାଇ ପଠାଇଲେ କହେ; ପେଟ ଟାଣୁଛି, ମୁଣ୍ଡ ବଥାଉଛି ଇତ୍ୟାଦି ଛଟାଗଲା କଥା । ସେଥିରୁ ସବୁ କଥା ଜଣା ପଡ଼ିଯାଏ । ରହିଲେ ବା କଣ ହେବ ? ଯାହାକୁ ଜୀବନ ଯୌବନ ସବୁ ସମର୍ପି ଦେଇ ଆପଣାର କରିଛୁ ଓ ଜାଲ ଯୁଗକୁ ଅଞ୍ଚଳରେ ବାନ୍ଧି ରଖିବ ବୋଲି ଭାବୁଛୁ ତା ବିରୁଦ୍ଧରେ ପୁଣି ଫେରାଦ କେବେ କାହା ପାଖରେ, କହିବ ବା କାହାକୁ ? ସୁତରାଂ ମନ କଥା ମନରେ ଥାଏ ମୁଣ୍ଡରେ ବହି ଚଢ଼ାଇ ଉଠି ନାନା ଭାବନା ସୃଷ୍ଟି ହୁଏ । ପ୍ରକୃତ କଥାଟା କଣ ଜାଣିବା ପାଇଁ ଖୁବ୍ ଚେଷ୍ଟା କରୁଥାଏ ମଲ୍ଲିକା ।

ଦିନେ ରାତିରେ । ଭୈରବ ସଙ୍ଗେ ରଙ୍ଗ ରହସ୍ୟ ଆମୋଦ ପ୍ରମୋଦ କରୁ କରୁ ହଠାତ୍ ଅଭିମାନିନୀ ହୋଇ ବସିଗଲା । ମଣିଷର ଉନ୍ମାଦ ଭାବ ଉଠିଲେ ସେ ଯେମିତି ଯୋଉଟାଏ କରୁ ନା କରୁ କରି ବସେ ସେମିତି ଦଉଡ଼ିଲା ଖାଲି ଆତ୍ମହତ୍ୟା କରିବାକୁ ।

Digitized by srujan ka@gmail.com

ଭୈରବ ତାକୁ ଦୃଢ଼ ମୁଷ୍ଟା ହସ୍ତା କରେଇ ପଚାରିଲା—ତୁମର କଣ ହେଲା, ମୋ ଆଗରେ କୁହ । ମୁଁ ନିଶ୍ଚେ ତାର ପ୍ରତିକାର କରିବି ।

ମଲ୍ଲିକା ପଚାରିଲେ—ହୋଇ ଫଳଟି ଆଣି ମୋତେ ଖାଇବାକୁ ଦେଲ, ତାର ଇତିହାସ କଣ ଓ ତାକୁ ପାଇଲ କୋଉଠୁ, ସେ ସବୁ କଥା ମୋ ଆଗରେ ନ କହିଲେ ମୁଁ ନିଶ୍ଚେ ଆତ୍ମହତ୍ୟା କରିବି ।

ଭୈରବ ତାକୁ ପ୍ରକୃତ କଥା ନ କହି ଯେତେ ମିଛ କଥା କହିଲେ ବି ଟିକେ ବୁଝିଲା ନାହିଁ ସେ । କହିଲା—ପ୍ରକୃତରେ ଯଦି ତୁମେ ମୋତେ ଭଲ ପାଅ, ତେବେ ସତ କଥା କୁହ । ତା ନ ହେଲେ ମୋ ଆଶା ଛାଡ଼ିବାକୁ ପଡ଼ିବ ।

ଭୈରବ କହିଲା—ସତ କଥା କହିଲେ ମୁଁ କାଠ ପ୍ରତିମା ହୋଇଯିବି ।

ମଲ୍ଲିକା ହସିଲା । କହିଲା—ଏ ଗୋଟାଏ ବାହାନା ଛଡ଼ା ଆଉ କିଛି ନୁହେଁ । କଥା କହିଲେ ମଣିଷ କେବେ କାଠ କି ପଥର ହେଲେଣି କି! ହେବେ ? ତୁମେ ଗୋଟିଏ ବଣ୍ଟୁ'ସଞ୍ଚାରକ ଲୋକ । ମୋତେ କିଛି ନା କିଛି ଗୋଟାଏ ବିପଦରେ ପକାଇ ଦେବାକୁ ଯୋଗାଡ଼ କରୁଛ । ତା ନ ହେଲେ କଥାଟା ଲୁଚାନ୍ତ କାହିଁକି ?

କଥା ଗୁଡ଼ା ଭୈରବ ହୃଦୟରେ ଛୁଞ୍ଚି ବିନ୍ଧିଲା ପରି ଲାଗିଲା । ପ୍ରକୃତରେ ମଲ୍ଲିକାକୁ ସେ ଏତେ ଭଲ ପାଉଥିଲା ଯେ ତା ମୁହଁରେ ଟିକଏ ଦୁଃଖର ଛାୟା ଦେଖିଲେ ଖୁବ ବ୍ୟସ୍ତ ହୋ'ଇ ପଡ଼େ । ତେଣୁ ମନ ଦୁଃଖରେ କହିଲା—ବିଶ୍ୱାସ କର ମଲ୍ଲିକା । ମୁଁ ଯାହା କହୁଛି ସେଥିରେ ତିଳେ ହେଲେ ମିଛ ନାହିଁ । ଫଳକଥା କହିଲା ମାତ୍ରେ ମୁଁ କାଠ ପାଲଟି ଯିବି ।

ମଲ୍ଲିକା କହିଲା—ତୁମେ କାଠ ପାଲଟି ଗଲେ ମୁଁ ପ୍ରାଣ ପଣେ ଚେଷ୍ଟା କରି ପୁଣି ଜୀବନ ଦିଆଇବି ।

Digitized by srujan ka@gmail.com

ଭୈରବର ଅଉ ବା ସ୍ୱର କ'ଣ ? ବାଧ ହେଲ ସତ କଥା କହିବାକୁ । ଚକା ପକାଇ ବନ୍ଦେଁ ନାଭ ସେଇ ଖଟ ଉପରେ ବସିଲେ ମଲ୍ଲିକା ହୁଁ ମାରୁଥାଏ । ଭୈରବ ଆରମ୍ଭ କଲ ଫଳ କଥା । ଧୀରେ ଧୀରେ ଗୋଡ଼ର ବୁଢ଼ା ଆଙ୍ଗୁଠିରୁ ଆରମ୍ଭ କରି ମୁଣ୍ଡ ଆଡ଼କୁ ଆରମ୍ଭ କଲ କାଠ ପାଲଟି ଆସିବାକୁ ।

ତଥାପି ମଲ୍ଲିକା ମନରେ କିଛି ଦୟା ଆସିଲ ନାହିଁ । ଫଳ କଥା କହି ସାରି ଭୈରବ ହୋଇଗଲ କାଠ ପ୍ରତିମା । ସେତେବେଳେ ମଲ୍ଲିକାର ଆନନ୍ଦ ଦେଖେ କିଏ ? ବଡ଼ ପାଟି କରି ଡାକିଲ ଦାସିମାନଙ୍କୁ । ଦାସିମାନଙ୍କର ମନ ବି ବଦଳି ଯାଇଥାଏ । ସ୍ୱଣେସ୍ୱିନୀର ଡାକ ଶୁଣିଲ ମାତ୍ରେ ଦଉଡ଼ିଗଲେ ପାଖକୁ । ସବୁ ଘଟଣା ବୁଝିଲେ, ଆଖିରେ ବି ଦେଖିଲେ । ମନଟା ଆଉ ମଲ୍ଲିକା ଆଡ଼େ ଢଳିବ କ'ଣ, ଢଳିଲ ଧର୍ମ ଏବଂ ନ୍ୟାୟ ଦିଗକୁ । ଡରିଲ ନାହିଁ । କହିଲ—

ଜଗତରେ ନାରୀ ଅଟେ କାଳ ଭୁଜଙ୍ଗିନୀ
ରକ୍ତ ଶୋଷିବାକୁ ମାତ୍ର ହୁଅଇ ସଙ୍ଗିନୀ ।
ମାୟାରେ ଛନ୍ଦ ଭ୍ରମାଏ ପୁରୁଷ ମନକୁ
ଏକ ନାରୀ ଧୃଣି ଟାଣେ ଆନ ଜୀବନକୁ ।
ଦୟା ଧର୍ମ ଘୃଣା ସେ ଯେ କୁଳଟା ଦୋଷୁରୀ
ମୋହିନୀ ମନ୍ତ୍ରେ ନରକୁ ସଦା ମାରେ ଘାର ।
ଅତଏବ ସେ ନାରୀକୁ ସଦା ଦଣ୍ଡବତ
ସନ୍ନ୍ୟାସ ଆଶ୍ରିବା ଭଲ ପକ୍ଷେ ସୁ ସଙ୍ଗତ ।

ତା କଥା ଶୁଣି ମଲ୍ଲିକା କହିଲ—ଏ ଭଳି କଣ କହୁଛୁ ? ତୋ ଯୋଗେ ମୁଁ ସବୁ ପ୍ରକାର ଘୃଣା ଯାଚ ସହା କରିଦେଲି । କଣ୍ଟା କଟିଗଲ । ଏଣିକ ସଂସାରରେ ତୁ ଆଉ ମୁଁ ।

Digitized by srujan ka@gmail.com

ସାରିଗାମ କହିଲା—ଆଜିଯାଏ ମୁଁ ଗୋଟାଏଁ ଭ୍ରମରେ ପଡ଼ିଥିଲି ସଖୀ ! ଏବେ ପଣ୍ଡିତଙ୍କର ବୁଦ୍ଧି ପାଇଲି । ନାରୀମାନେ ବିଶ୍ୱାସଘାତିନୀ । ସେମାନଙ୍କୁ ବିଶ୍ୱାସ କରି ନିଜର ସର୍ବନାଶ କରିବା ମୋଟେ ଉଚିତ ନୁହେଁ । ମୋ ପ୍ରତି ଆକୃଷ୍ଟ ହୋଇ ତୁମେ ନିଜ ସ୍ୱାମୀକି ଶେଷ କରି ଦେଲ । ପୁଣି ଅନ୍ୟ ପ୍ରତି ଆକୃଷ୍ଟ ହେଲେ ମୋତେ ବି ଶେଷ କରି ନ ଦେବ ବୋଲି ବିଶ୍ୱାସ କଣ ?

ମଲ୍ଲିକାର ମୁଣ୍ଡ ଘୂରାଇ ଦେଲା ବଜ୍ରପାତ ପରି । ସାରିଗାମ ଧୀରେ ଧୀରେ ଚାଲିଗଲା ଜଙ୍ଗଲକୁ । ପ୍ରତିଜ୍ଞା କଲା ସେ ଯେବେହେଲେ ନାରୀ ମୁଖ ଦେଖିବ ନାହିଁ କି ତା ସଙ୍ଗେ କୌଣସି ସମ୍ପର୍କ ଜମାଇବ ନାହିଁ ।

ବୁଝିଲୁ ସାରୀ ! ଏଇତ ହେଲା ନାରୀଙ୍କ ଚରିତ୍ର ?

ସାରୀ କହିଲା—ଛେନାଠା ବୁଝିବ । ତୁ ଯୋଉ କଥା ଗୁଡ଼ାକ କହୁ, ସେ ଗୁଡ଼ାକ ଖଣ୍ଡିକ ପାଏନା କି ପେଡ଼ିକ ପାଏନା । ପୁରୁଷମାନଙ୍କ କଥା ଶୁଣିଲେ ଗଛଗରୁ ଡଅଁ ଗୁଡ଼ ପଳାଇ ଯିବେ ।

ଶୁଆ କହିଲା—ସତେ ?

ସାରୀ କହିଲା—ଆଉ କଣ ମିଛେ ? ପିଲୁ ଶାଖ ଦେଇ ବସ । ମୁଁ ଯାହା କହୁଛି ସେ କଥା ମନ ଦେଇ ଶୁଣ ।

ଶୁଆ କହିଲା—କହ ।

ସାରୀ କହିଲା—

ଘଣ୍ଟ ବାଜେ ଟାଇଁକି ଟାଇଁ ମାଦଳ ବାଜେ ଧେୟା
ରଙ୍ଗା ନାଚେ ଘୁଇଁକି ଘୁଇଁ ଢେଙ୍ଗା ନାଚେ ଥେୟା ।
ମନ ଖଜୁରି ତଳେ ଝୁଲସି ଉଠୁଛି କେତେ ଫୁଲ
କିଏ ଜାଣିଛି ମହତ ତାର କିଏ ଜାଣିବ ମୂଲ ।
ଲାଗିଛି ହାଟେ ଯାହିଁକି ପାଲ
ହାଣ୍ଡିରେ ଯାଉଛି ସବୁତ ବାଲ ।

Digitized by srujan ka@gmail.com

ଆସରେ ମିଳେ ଖାଇବା ପାଇଁ
ନ ହେଲେ ହେବା ତା ଶିକାର ଭଳି ।
ମାରିବା ଛାଡ଼ି ମାରିବା ଭୂଆଁ
ମିଛଟା ଭୁଲି ମରିବା କଥାଁ ?
ଅସୁନ୍ଦର ଘୋଡ଼ା ମାରିବ ଯୋଡ଼ା
କଦମ୍ବ ଟାଣି ଟାଣି
ଶୁଣୁଥା ଶୁଆ କହୁଛ ରତି—
ମଦନ ପାଳ କାହାଣୀ

ରତି ଓ ମଦନା ପାଳ କାହାଣୀ

ସ୍ୱାମୀର ସନ୍ଧାନରେ ବୁଲୁଛି ସନ୍ଧ୍ୟାବାଳୀ । ମୁନଟା ତାଙ୍କର ମୋଟେ ଠିକ୍ ରହୁନାହିଁ । ବାଟଘାଟ ଶୁଣୁଛି ପୁରୁଷମାନଙ୍କ ବଡ଼ାବଡ଼ିଆ କାରବାର । ନାରୀମାନଙ୍କ ଦେହରୁ ରକ୍ତ ମାଂସ ଶୋଷି ଖାଇଲା ପରେ ସେମିତ ଅନାସ୍ଥା କରି ଫୁଙ୍ଗୁଛି । ତଥାପି ଅନ୍ତରରେ ବଳକ ଅଛି ତାର ସ୍ୱାମୀର ପାଇଁ । ପ୍ରଥମ ଦେଖାରେ ଭଲ ପାଇ ବସିଛି ତାକୁ । ଜୀବନ ଦେଇ ସ୍ନେହ କରୁଛି । ସପନ ଦେଖୁଛି ସଂସାର ଗଢ଼ିବାକୁ । ଭୁଲିବ କେମିତି ?

ନାଁ, ମୋଟେ ଭୁଲିବ ନାହିଁ । ଅନ୍ଧାର ଦୁନିଆର ଯୋଉ ଅନ୍ଧକାର କୋଣରେ ଲୁଚିଥିଲେ ବି ଆଜ ବାହାର କରିବ ତାକୁ । ଘର ବାନ୍ଧିବ, ପ୍ରେମ କରିବ । ବାସ୍ତୁ ତଡ଼େଇ ନୀଡ ରଚନା କରି ପଣ. ରଚନା କରିବ ସୁଖ ସପନର ଗୋଟିଏ ନୀଡ଼ । ସେଇ ନୀଡ଼ରେ ବସି ଦୁହେଁ ଝୁଲାକୁ ଖେଳିବେ । ପବନ ଧୀରେ ଧୀରେ ବହୁଥିବ । ଫେଣ ଝୁମ୍ପ ଝୁମ୍ପ ବସୁଥିବ । ଦୋଳାୟମାନ ନୀଡ଼ ଖଣ୍ଡିକ ଝୁଲୁଥିବ ଧୀରେ ଧୀରେ । ଦେଖଣାହାରୀମାନେ କହୁଥିବେ

Digitized by srujan ka@gmail.com

କାଇ ଚଢେଇର କ ଆସେ ଯାଏ
କାହା ତଳେ ବସା ବୋହଲ୍ ଥାଏ ।

ରାଇଜ ଖଣ୍ଡିଏ ଛୋଟ । ପାହାଡ଼ ପର୍ବତ ଓ ସବୁଜ ଗଛଲତା ଘେରା । ପାଣି ପବନ ଖୁବ୍ ଆରାମ ଦାୟକ । ପାହାଡ଼ିଆ ନଈ ଖଣ୍ଡେ ଖଣ୍ଡେ ବହି ଯାଉଥାଏ କୁଳୁ କୁଳୁ ନାଦ କରି । ଧାର ତାର ବାରମାସୀ ଶୁଖେ ନାହିଁ । ଲୋକମାନେ ସେଇଥିରେ ଗାଧୁଆ ପାଧୁଆ କରନ୍ତି । ଚଷପାଣି ଚଳି ଯାଏ । ପିଇବା ପାଣି ନେବାପାଇଁ ଖୋଳଥାନ୍ତି କୂଳେ କୂଳେ ଗୋଟିଏ ଗୋଟିଏ ଖାତ । ସେଇ ଖାତ ମାନଙ୍କରୁ ପାଣି ନେଇ ରନ୍ଧା ବଢ଼ା ଓ ଖିଆ ପିଆ କରନ୍ତି । ଜଙ୍ଗଲ ପାହାଡ଼ରେ ନାନାଦି ଔଷଧ ଗଛ ଥାଏ । ତାଙ୍କ ପବନ ଲାଗି ରୋଗ ବୈରାଗ୍ୟ ସେଠେ ହୁଏ ନାହିଁ । ଯାହା କିଛି ହୁଏ, ତାହା ଆରୋଗ୍ୟ ହୋଇଯାଏ ଚେର ମୂଳ ସାହାଯ୍ୟରେ । ରଜା ମଦନପାଳ ସେ ରାଜ୍ୟର ମାଲିକ । ନଅର ତୋଳିଥାନ୍ତି ଗୋଟିଏ କାଞ୍ଚନ ଜାଗାରେ । ପ୍ରଜାମାନେ ସେଇ ଜାଗାଟାକୁ କହନ୍ତି ରାଜଗଡ଼ ।

ଆଉ ଗୋଟିଏ ସ୍ଥାନରେ ଖଣ୍ଡେ ଗଡ଼ଥାଏ । ସେଠିକି କେହି ଭୋଳି ଭୁଲି ଯାଆନ୍ତି ନାହିଁ । ସମସ୍ତେ ତାକୁ କହନ୍ତି—କାଞ୍ଚନ ମହଲ । ମହଲର ସବୁ ଦରୋଜା ଦିନରାତି ବନ୍ଦ ହୋଇଥାଏ । କେବେ କେବେ ଗୋଟିଏ ନାରୀ କଣ୍ଠରୁ ଶୁଣାଯାଏ କାନ୍ଦିବାର କରୁଣ ସ୍ୱର ।

ସନ୍ଧ୍ୟାବାଳୀ ଯାଇ ପହଞ୍ଚିଲା ସେଇଠି । ଦିନ ସେତେବେଳକୁ ଯିବା ଉପରେ । ବଣ ବାଟ, କୁଆଡ଼େ ଯିବ, କଣ କରିବ, କିଛି ଠିକ୍ କରି ନ ପାରି ସ୍ଥିର କଲା—ରାତିଟା ସେଇଠି କଟାଇ ଦେବ ।

ଏଇକଥା ଭାବି ଉଠିଲା ମହଲ ଉପରକୁ । ଭିତରେ ପଶିବା ପାଇଁ ବାଟ ନାହିଁ । କେମିତି ପଶିବ, କଣ କରିବ, ଏଥିପାଇଁ ବହୁତ ଭାବିଲା । ଦ୍ୱାର ଖୋଲିବା ପାଇଁ କିଛି ଉପାୟ ନ ମିଳିବାରୁ

Digitized by srujan ka@gmail.com

ଉଠିଗଲା ଉପର ବାଟେ । ଚନ୍ଦ୍ରମହଲ ବାସିନ୍ଦା ସେ । ଉଡ଼ ଉଡ଼ ବୁଲିଫିବାଟା ପିଲା ଦିନରୁ ଅଭ୍ୟାସ ଅଛି । ତେଣୁ କିଛି ଅସୁବିଧା ହେଲା ନାହିଁ ।

ରାତି ଆସିଲା । କଳାରାତି । ନିର୍ଜ୍ଜନ ମହଲ ଭିତରଟା ଆହୁରି କଳା ଦିଶିଲା । ଏକେ ତ ଅନ୍ଧାର ପକ୍ଷ । ଦ୍ୱିତୀୟରେ ବନସ୍ତ ଅନ୍ଧାର । ତୃତୀୟରେ ଅନ୍ଧାର ମହଲର ଅନ୍ଧାର । ସବୁଯାକ ଏକାଠି ମିଶି ଘୋର କାଳିମା ସୃଷ୍ଟି କରିଥାଏ । ସନ୍ଧ୍ୟାବାଳୀ କୌଣସି କଥା ଦେଖି ପାରିଲା ନାହିଁ ଭଲ କରି ।

ପାଖରେ ଥିଲା ତାର ଗୋଟିଏ ମଣି । ଚନ୍ଦ୍ରଲୋକ ଛଡ଼ା ସେ ମଣି ଅନ୍ୟତ୍ର ମିଳେ ନାହିଁ । ନାଁ ତାର ଧବଳ ମଣି । ସେଥିରେ ଆଲୋକ ନଥିଲେ କଣ ହେଲା, ବ୍ୟବହାର କଲେ ଦିନପରି ଧବଳ କିରଣ ମିଳେ । ସନ୍ଧ୍ୟାବାଳୀ ବର୍ତ୍ତମାନ ସେଇ ମଣିଟିକୁ ବ୍ୟବହାର କଲା । ଦେଖୁ ଦେଖୁ ମହଲ ଭିତରେ ରାତି ପରିବର୍ତ୍ତେ ଆସିଗଲା ଦିନ । ଯୋଉଠି ଯାହା ଥିଲା, ସବୁ ଦେଖାଗଲା ପରିଷ୍କାର ଭାବେ ।

ଲୁହା ପିଞ୍ଜରା ଭିତରେ ବନ୍ଦିନୀ ଭାବେ ବସିଥିଲା ଗୋଟିଏ ଯୁବତୀ । ରୂପଟି ଖୁବ୍ ସୁନ୍ଦର ହେଲେ କଣ ହେବ, ଦୁଃଖ ଓ ଅବସାଦରେ କଳା ପଡ଼ି ଯାଇଥାଏ । ଅସ୍ଥି କଙ୍କାଳ ଖଣ୍ଡିକ ଝାଙ୍କି ହୋଇଥାଏ ଚମଡ଼ାରେ ସିନା । ମାଂସ କି ରକ୍ତ ନ ଥାଏ ପଛେ ହେଲେ । ସେହି କନ୍ୟାକୁ ଅତି ଦୁଃଖରେ ଥିବା ଦେଖି ସନ୍ଧ୍ୟାବାଳୀ ଖୁବ୍ ଆସ୍ତେ ପଚାରିଲା ତୁମେ କିଏ ସେ ?

ସେ କହିଲା—ମୁଁ ଗୋଟିଏ ଦୁଃଖିନୀ, ହତ ଭାଗିନୀ ଓ ଦଣ୍ଡ ଭୋଗ କାରିଣୀ । ଗୋଟାଏ ଜ୍ୱାଳା ଯନ୍ତ୍ରଣାମୟୀ ଜୀବନ ନେଇ ପଡ଼ି ରହିଛି କେବଳ ମରଣ ଅପେକ୍ଷାରେ । ସ୍ଥାନଟାର ଭଲ ମନ୍ଦ କଥା ନ ଜାଣି ନ ଶୁଣି ତୁମେ କାହିଁକି ଆସିଲ ବୋଲି ପଚାରିଲା ।

କହିଲା—ଆସିଲି ବୋଲି କିଛି ଅନିଷ୍ଟ ହେବ ?

Digitized by srujan ka@gmail.com

କହିଲା—ରଜା ଜାଣିଲେ ତୁମକୁ ମୋର ପରି କଠିନ ଦଣ୍ଡ ନ ଦେଇ ଛାଡ଼ିବ ନାହିଁ ।

ପକ୍ଷିରାଜ—ସେ ରଜା କିଏ ? ତୁମକୁ ଏଭଳି ଦଣ୍ଡ ଦେବାର କାରଣ କଣ ?

ବନ୍ଦିନୀ କହିଲା—ସେ କଥା ଅନନ୍ତ । ମାତ୍ର ଏଠାରେ ଗୁପ୍ତଚର-ମାନେ ସବୁଆଡ଼େ ଅଛନ୍ତି । ଆମେ ଦୁ'ଜଣ ଭିତରେ ବସି କଥାବାର୍ତ୍ତା ହେଲେ ଶବ୍ଦ ଲକ୍ଷ କରି ସେମାନେ ଯାଇ ରଜା ଆଗରେ କହିବେ । ତା'ପରେ ତୁମର ଓ ମୋର ଦଣ୍ଡର ସୀମା ରହିବ ନାହିଁ ।

ସଂଧ୍ୟା କହିଲା—କିଛି ପରୱା କର ନାହିଁ । ମୁଁ ତୁମକୁ ମୁକ୍ତକରି ଏଠାରୁ ବାହାରକୁ ନେଇଯିବି । ଦୁହେଁ ଗୋଟିଏ ନିର୍ଜନ ଓ ନିରାପଦ ସ୍ଥାନରେ ବସିବା । ତୁମେ ତୁମ ଦୁଃଖକଥା କହିବ, ମୁଁ ଶୁଣିବି ।

ପକ୍ଷିରାଜ—ଏ କଥା ଯଦି ରଜା ଜାଣେ ?

ସଂଧ୍ୟା କହିଲା—ମୋ କଥାରେ ବିଶ୍ୱାସ କର ଭଉଣୀ ! ରଜା ଛାଡ଼ ମହାରଜା ହେଲେ ବି କିଛି କରି ପାରିବ ନାହିଁ । ଆସ ! ଏତିକି କହି ହାତଟା ବଢ଼ାଇ ଦେଲା ସଂଧ୍ୟାବାଳୀ । ପିଞ୍ଜରାଟା ଖୋଲି ଗଲା ସାଥେ ସାଥେ । ବନ୍ଧନ ବି ଫିଟିଗଲା । ବନ୍ଦିନୀ ବାହାରକୁ ଆସିବା ମାତ୍ରେ ଅନୁଭବ କଲା ଟିକିଏ ସୁସ୍ଥ ଓ ସବଳତା ।

ସଂଧ୍ୟାବାଳୀ ତାର ଗୋଟିଏ ହାତଧରି ନେଇ ଉଡ଼ିଲା ଓ ତାକୁ ବି ଉଡ଼ାଇ ନେଲା ଗୋଟିଏ ନିର୍ଜନ ସ୍ଥାନକୁ । ଫଳମୂଳ ଆଣି ଖାଇଲେ । ତା ପରେ ବସିଲେ ଆସନ ଜମାଇ କରି । ବନ୍ଦିନୀଟି ତା ଦୁଃଖ କଥା ଆରମ୍ଭ କଲା ।

ମୁଁ ଗୋଟିଏ ରଜାଝିଅ । ନାଁ ମୋର ରତ୍ନ ମଞ୍ଜରୀ । ବାପ ମା'ଙ୍କର ଏକ ମାତ୍ର ଆଖି ପୁତଳୀ ଥିବାରୁ, ସେମାନେ ବଢ଼ାଉଥିଲେ ଖୁବ୍ ଗେହ୍ଲାବସର କରି । ଲୋକ କହୁଥିଲେ ଅଖିଳ ସୁନ୍ଦ-

Digitized by srujan ka@gmail.com

ଝିଅଟିଏ । ଜଗତରେ ମୋର କିଛି ଅଭାବ ଅସୁବିଧା ନ ଥିଲା। ସଖୀମାନଙ୍କ ଗହଣରେ ଖେଳି ବୁଲି ବନ ବିହାର ଓ ଜଳକେଳି ଇତ୍ୟାଦିରେ ମାତିଥିଲି । ଦିନ ଗୁଡ଼ାକ ଦଣ୍ଡେ ଘଡ଼ିଏ ପରି କଟି ଯାଉଥିଲା । ଦିନେ ଦୁର୍ଯ୍ୟୋଗ ବଶତଃ ହେଉ କି ସୁଯୋଗ ବଶତଃ ହେଉ ଦି'ଜଣ ସଖୀଙ୍କ ସଙ୍ଗେ ଯାଇଥିଲି ତପୋବନ ବୁଲି ଦେଖିବାକୁ । ହଠାତ୍ ଜଣେ ତପସ୍ୱିନୀ ଦେଖା ଦେଲେ । ତାଙ୍କୁ ପ୍ରଣାମ କଲୁ । ସେ ମୁକ୍ତ ପ୍ରାଣରେ କଲ୍ୟାଣ କଲେ ଓ ଆଦର କରି ଡାକି ନେଲେ ତାଙ୍କ ଆଶ୍ରମକୁ । ନେଳକଠି ଘର ଝେଳାପି । ସବୁବେଳେ ମିଠାକଥା । ଓ ମିଠା ବ୍ୟବହାର । ଆମକୁ ନେଇ ପ୍ରସାଦ ଖାଇବାକୁ ଦେଲେ । ଗୋଟି ଗୋଟି କରି ତିନୋଟି କାହାଣୀ ଶୁଣାଇଲେ । ତାପରେ ଆମେ ବାହାରି ଆସିଲୁ ଘରକୁ ।

ଅଧ ବାଟରେ ହେଲା ବେଳକୁ କିଛି ଗୋଟାଏ ଗୋଳ ମାଳ ଶୁଣାଗଲା । କ'ଣ କ'ଣ ବୋଲି କାନ ଡେରି ଶୁଣିଲୁ । କିଛି ବୁଝିପାରିଲୁ ନାହିଁ । ତା'ପରେ ସବୁ ଆପଣା ଛାଏଁ ବନ୍ଦ ହୋଇଗଲା । ସଖୀ ମାନଙ୍କୁ କହିଲି—ଯୋଉ ଦିଗରୁ ପାଟି ତୁଣ୍ଡ ଶୁଣା ଯାଉଥିଲା, ଚାଲ ସେଇ ଆଡ଼କୁ ଯିବା । ସେମାନେ ଖୁବ୍ ବାଧା ଦେଲେ, ମଧ୍ୟ ମୋ ଜିଦ୍ ଟାକୁ ଦବାଇ ପାରିଲେ ନାହିଁ । ସମସ୍ତେ ସେଇ ଦିଗକୁ ଗଲୁ । କିଛି ଦୂର ଯାଇ ଦେଖିଲୁ, ଅନେକ ଲୋକ, ଅନେକ ଘୋଡ଼ା ମରି ପଡ଼ିଛନ୍ତି । ତାଜା ରକ୍ତ ଗୁଡ଼ାକ ପଥୁରିଆ ମାଟି ଉପରେ ଜମା ହୋଇଛି ଠାଆକୁ ଠାଆ ।

ଦେହ ଶୀତେଇ ଉଠୁଥାଏ । ମନରେ ଭୟ ବି ଆସିଲା । ପାଦ ଲେଉଟିଲା ପଛକୁ । ସଖୀମାନେ ମନାକଲେ ଆଗକୁ ଆଉ ପାଦଟିଏ ବଢ଼ାଇବା ପାଇଁ । ଏଣୁ ଘୁନିଆ ଲାଗିଲା । ଦଣ୍ଡକ ଯାଏ ମୁଁ ତାଟକା ହୋଇ ଠିଆ ହୋଇ ରହିଲି । ଏମିତିବେଳେ ଶୁଣାଗଲା ଜଣକର କୁନ୍ଥେଇବା ଶବ୍ଦ ।

Digitized by srujan ka@gmail.com

ମନଟା ଅସ୍ଥିର ହୋଇ ଉଠିଲା । ମୁଁ କହିଲି—ଯେଉଁ ଲୋକଟି କୁହୁଉଛି ସେ ନିଶ୍ଚୟ ମରିନାହିଁ । ତାର କଷ୍ଟ ଭାରି । ଚେଷ୍ଟା କଲେ ବଞ୍ଚି ଯାଇ ପାରେ । ଏହି କଥା ଭାବି ଖୋଜିବାରେ ଲାଗିଲୁ । ଦେଖାହେଲେ ଜଣେ ରାଜପୁଅ । ତାଙ୍କ ନାଁ ମଦନପାଳ । ପାରିଧିକୁ ଆସି ଦସ୍ୟୁମାନଙ୍କ ହାତରେ ପଡ଼ିଥିଲେ । ଖୁବ୍ ଝଗଡ଼ା ଲାଗିଲା । ଦସ୍ୟୁଦଳର ଲୋକଥିଲେ ବେଶି । ତେଣୁ ରାଜପୁଅ ବଳ ହାରିଗଲେ ଓ ଗୋଟିକ ପରେ ଗୋଟିଏ ଲେଖା ମଲେ । ରାଜପୁଅ ବଞ୍ଚିଛି ବୋଲି ସେମାନଙ୍କର ଧାରଣା ନ ଥିଲା । ଦସ୍ୟୁ ତ ସବୁକଥାରେ ଖାଲି ତରବର ହୋଇ ପଳାଇବା କଥା । ଦେଖିଲେ ସମସ୍ତେ ଖଣ୍ଡିଆ ଖାବରା ହୋଇ ତଳେ ପଡ଼ିଛନ୍ତି । ରକ୍ତ ଧାର ଛୁଟିଛି । କାହାରି ମୁହଁରେ କଥା ନାହିଁକି ଦେହରେ ସ୍ପନ୍ଦନ ନାହିଁ । ତେଣୁ ଭାବିଲେ ମରି ଗଲେଣି । ଅପେକ୍ଷା କରିବା କି ପରୀକ୍ଷା କରିବା କିଛି ଆବଶ୍ୟକ ନାହିଁ । ପୋଷାକ ପତ୍ର, ଧନୁ, ଶର, ଖଣ୍ଡା, ବର୍ଚ୍ଛା ଆଦି ଯାହା ପାଇଲେ ତାକୁ ସବୁ ନେଇ ପଳାଇ ଗଲେ ପବନ ବେଗରେ ।

ରାଜପୁଅ ମଦନପାଳଙ୍କ ଦେହରେ ବହୁତ ଆଘାତ ଲାଗିଥିଲା । ଉଠିବାର ଶକ୍ତି ନାହିଁ । ଦେହରୁ ବହୁତ ରକ୍ତ ବି ଯାଇଛି । କେବଳ ରହି ଯାଇଛି ଜୀବନଟା । ସେ ଆହତ ଅବସ୍ଥାରେ ମୂର୍ଚ୍ଛା ଯାଇଥିବାରୁ ଦସ୍ୟୁମାନେ ଭାବିଲେ ମରିଯାଇଛନ୍ତି । ତେଣୁ ଛାଡ଼ି ପଳାଇ ଗଲେ ।

ଥଣ୍ଡା ପବନ ବାଜି ଚେତା ଫେରିବାରୁ ସେ କୁହ୍ନେଇଲେ । ସେଇ କୁହ୍ନାଣ ଶୁଣି ଆମେ ଯାଇ ତାଙ୍କୁ ଦେଖିଲୁ । ମନରେ ଦୟା ଆସିଲା । ସଖୀମାନେ କହିଲେ—ଆଉ ଘଡ଼ିକ ପରେ ସେ ମରିବେ । ଆମର ଚାଲ ପଳାଇ ଯିବା । କଥାଟାକୁ ମୁଁ ପସନ୍ଦ କଲି ନାହିଁ । ସେମାନଙ୍କୁ ବୁଝାଇ ସୁଝାଇ ଆମ ନଅରକୁ ନେଇଯିବା

Digitized by srujan ka@gmail.com

କଥା କହୁଛି । ତାଙ୍କର ଯେତେବେଳେ ଉଠିବା, କଥା କହିବା ନ ମଣିଷ ଚାହିଁବାର ଶକ୍ତି ନ ଥିଲା । ଆମେ ଭଉଣୀ ଯାଇ ନିଅ ତାଙ୍କୁ ଧରାଧରି କରି ନଅରକୁ ଆଣିଲୁ । ସର୍ବ ଚିକିତ୍ସକ ଡକାଗଲା ଚିକିତ୍ସା କରିବା ପରେ ତାଙ୍କର ଚେତା ଆସିଲା । ନିଜର ପରିଚୟ ଦେଲେ ଓ ଦସ୍ୟୁମାନଙ୍କ ଆକ୍ରମଣ କଥା କହିଲେ । ଜଣେ ରାଜପୁଅ ଏମିତି ବିପଦରେ ପଡ଼ିବା କଥା ଶୁଣି ମୋ ବାପ ମାଆ କିଛି ଆପତ୍ତି କଲେ ନାହିଁ । ତାଙ୍କୁ ସେବା ଶୁଶ୍ରୂଷା କରି ଆରୋଗ୍ୟ କରିବା ଦାୟିତ୍ୱ ଛାଡ଼ିଦେଲେ ମୋ ଉପରେ । ପ୍ରାୟ ଯୋଡ଼ାଏ ମାସ ଲାଗିଲା କ୍ଷତ ଗୁଡ଼ାକ ଶୁଖିବାକୁ । ତା ପରେ ଆହୁରି ବହୁମାସ ରହିଲେ ସେ, ଭଲ ଭାବେ ସୁସ୍ଥ ସବଳ ହୋଇ ଯିବାକୁ । ଏଥି ମଧ୍ୟରେ ତାଙ୍କ ପ୍ରତି ମୋର ଓ ମୋ ପ୍ରତି ତାଙ୍କର ଗୋଟାଏ ଆକର୍ଷଣ ଆସିଗଲା । ଆମେ ଦୁହେଁ ଦୁହିଁଙ୍କୁ ଭଲ ପାଇ ବସିଲୁ । ମୋ ମନର କୌଣସି ଦୁର୍ବଳ ମୁହୂର୍ତ୍ତର ସୁଯୋଗ ନେଇ ସେ ମୋତେ କୋଳ କୁଣ୍ଢେଇ କରି ନେଲେ । ଆମେ ଉପଭୋଗ ଲାଳସା ବଢ଼ିଲା । ଜୀବନର ମଧୁର ସ୍ୱପ୍ନ ଗୁଡ଼ିକ ହୋଇ ଉଠିଲା ରଙ୍ଗ ବେରଙ୍ଗର ଗଳ୍ପାଗଞ୍ଜ । ମୁଁ ବି ନିଜକୁ ସଂଯତ ରଖି ପାରିଲି ନାହିଁ । ପ୍ରସ୍ତ-ପୂର୍ଣ୍ଣ ପଡ଼ିଗଲି ତାଙ୍କ ପାଲରେ । ସତ୍ୟ କଲୁ ଖୁବ୍ ଶୀଘ୍ର ବାହା ହେବାକୁ । ତାଙ୍କର ବାପା ନ ଥିଲେ । ରାଜ୍ୟ ଚଳାଉଥିଲେ ମନ୍ତ୍ରୀ । ସେ ଆମ ଘରେ ରହିବା ଦିନଠୁଁ ସେ ମନ୍ତ୍ରୀ ଯା ଆସ କରୁଥାନ୍ତି । ରାଜା ପୁଅଙ୍କ ଖର୍ଚ୍ଚ ବାର୍ଚ୍ଚ ପାଇଁ କେତେବେଳେ କେମିତି କିଛି କିଛି ପଠାଉ ଥାନ୍ତି । ବହୁମାସ ପରେ ସେ ତାଙ୍କ ଘରକୁ ଗଲେ । ତା ପରେ ଚାଲିଲା ବାହାଘରର ଯୋଗାଡ଼ ।

ବାହାଘର ସାରି ମୁଁ ତାଙ୍କ ଅନ୍ତଃପୁରକୁ ଯେତେବେଳେ ଗଲି ସେତେବେଳକୁ ଦି'ମାସ ଗର୍ଭ । କଥାଟା ଅନ୍ୟ କେହି ନ ଜାଣିଲେ କଣ ହେବ, ସେ ଖୁବ୍ ଭଲ ଭାବେ ଜାଣନ୍ତି । ତେଣୁ ମନରେ କିଛି

Digitized by srujan ka@gmail.com

ଜନ୍ମ ନ ଥିଲା । ସେ ବି ଜନକ ପାଇଁ କିଛି କହି ନ ଥିଲେ । ଯୋଗ ବିଳାସରେ ଦୁହେଁ ଖୁଆଙ୍କ ସରୋବରର ହଂସ ହଂସିନୀ ପରି ।

ବିବାହର ଆଠମାସ ପରେ ମୋତେ ଆଲୋକିତ କରି ଗୋଟିଏ ପୁତ୍ର ସନ୍ତାନ କୋଳକୁ ଆସିଲା । ଲୋକେ ଦୁର୍ନାମ ରଟିଲେ ମାସେ ପର୍ଯ୍ୟନ୍ତ । ମଦନପାଳ କିଛି କହିଲେ ନାହିଁ । କ୍ରମେ କ୍ରମେ ତାଙ୍କ ଲୋକଙ୍କ ମୁହଁରୁ ବାର କଥା ଶୁଣି ଦିନେ ରାଗରେ ମୋତେ ପଚାରିଲେ—ତୁମେ ନିଶ୍ଚୟ ଅନ୍ୟାୟ ଉପାୟରେ ଗର୍ଭ ହୋଇଛ । ଏ ସନ୍ତାନ ମୋର ନୁହେଁ ।

ମୁଁ ଧର୍ମକୁ ଅନାଇ ନମସ୍କାର କରି କହିଲି—ଏ ସନ୍ତାନ ନିଶ୍ଚୟ ଆପଣଙ୍କର । ବିବାହ ପୂର୍ବରୁ ଆପଣ ମୋ ଗର୍ଭରେ ବୀଜ ସ୍ଥାପନ କରିଥିଲେ । କେବଳ ବି ଏ କଥାରେ ତାଙ୍କର ମନ ମାନିଲା ନାହିଁ । ସେ କହିଲେ କଠୋର ପରୀକ୍ଷା ଦେବାକୁ ।

ସେ କଥାରେ ମୁଁ ବି ରାଜି ହେଲି । ଦୁହେଁ ଯାକ ଗଲୁ ଗଙ୍ଗା କୂଳକୁ । ସେଠାରେ ନମସ୍କାର କଲି । ଅଗ୍ନି ପରୀକ୍ଷା ଦେଲି । ତଥାପି ତାଙ୍କର ବିଶ୍ୱାସ ହେଲା ନାହିଁ । ଦିନେ ରାତିରେ ପିଲାଟାକୁ ମାରିଦେବାପାଇଁ ମନ୍ତ୍ରୀଙ୍କୁ କହିଲେ । ସେ କଥା ମୋର ଅସହ୍ୟ ହେଲା । ତେଣୁ ଖୁବ୍ ପ୍ରତିବାଦ କଲି । କହିଲି—ହେ ପ୍ରଭୁ ଧର୍ମ ନିରଞ୍ଜନ ! ପ୍ରକୃତରେ ତୁମେ ଯଦି ଜଗତରେ ଅଛ, ଦିନରାତି କରୁଛ ଓ ଆବର୍ଜନା ଲୁଚାଇ ସଂସାରଟାକୁ ପବିତ୍ର କରୁଛ, ତେବେ ସତ୍ୟ କଥା ସତ୍ୟ ହୋଇ ପ୍ରକାଶ ପାଉ । ପୁଅ ମୋର ବଞ୍ଚୁ । ତା ବାପ ଯେବେ ରଜା ତେବେ ସେ ରଜା ହେଉ । ତା ନ ହୋଇ ଏଥିରେ ଯଦି କିଛି ଗୋଳମାଳ ଥାଏ, କି ପ୍ରକୃତରେ ଅନ୍ୟାୟ କରିଥାଏ, ତେବେ ତା ଫଳ ମୋତେ ମିଳୁ ।

ଏତିକି ଶୁଣି ସେ ଖୁବ୍ ରାଗିଗଲେ । କହିଲେ—ସ୍ତ୍ରୀ ଗୋଟାଏ ନାରୀ ହୋଇ ମୋତେ ଅପମାନ ଦେଲା । ରଜା ହୋଇ

Digitized by srujan ka@gmail.com

ଟିକଏ ଖାଇବାର ବି ବଳ ନାହିଁ । ଏଥିପାଇଁ ତାକୁ ଶାସ୍ତି ନ ଦେଲେ ମୁଁ ଶାନ୍ତ ହେବି କିପରି ? ଏମିତି ଅନେକ ଗାଳି ଗୁଲଜ କରି ପିଲାଟାକୁ ଦେଲେ ଘାତକ ହାତରେ । କହିଲେ — ପିଲାକୁ ମାରି ରକ୍ତ ଆଣି ଦେଲେ ମୁଁ ଠିଆ ହୋଇ ଏଇ ବନ୍ଦୀଙ୍କ ସେଇ ରକ୍ତ ପିଆଇବି । ତାପରେ ଯାଇ ଶାନ୍ତ ହୋଇପାରିବି । ଘାତକ ସେ ପିଲାକୁ ନେଇ ରକ୍ତ ଆଣିଦେଲା ।

ମଦନ ପାଳ ମୋତେ ବାଧ କଲେ ପିଇବାକୁ । ମୁଁ ମନା କରି ଦେଲି । ସେଥିପାଇଁ ପଶୁ ପରି ଯେତେ ଦଣ୍ଡ ଦେବାର ଦେଲେ । ବଳ ପ୍ରୟୋଗ କଲେ ପିଆଇବାକୁ । ଦେଖିଲି ମୋର ଆଉ କିଛି ଉପାୟ ନାହିଁ । ଅବଶ୍ୟ ରଜା ନିଶ୍ଚେ ମୋତେ ସନ୍ତାନର ରକ୍ତ ପିଆଇବ । ତେଣୁ ଟିକେ ସତର୍କତା ସହିତ ରକ୍ତପାତ୍ର ଧରିଥିବା ଲୋକ ହାତକୁ ଅନାଇ ଦେଲି ଗୋଟିଏ ଗୋଇଠା ଯେ, ଖସିପଡ଼ି ରକ୍ତପାତ୍ର ଭାଙ୍ଗିଗଲା ।

ଆତୁର ରାଗିଲେ ରଜା ମଦନପାଳ । ମୋତେ ବନ୍ଦୀ କରି ଲୁହା ପିଞ୍ଜରାରେ ପୂରାଇଲେ । କହିଲେ — ନ ଖାଇ ନ ପିଇ ନିର୍ଜନ ମହଲରେ ଶୁଖି ଶୁଖି ମରିବାକୁ ଦଣ୍ଡ ତାକୁ । ସେଇ କଥା ହେଲା । ପୁଅକୁ ହରାଇ ମୁଁ ଆସି ପଡ଼ିଥିଲି ଏହି ଅବସ୍ଥାରେ । ଆଉ କିଛି ଦିନ ପରେ ମରିଥାନ୍ତି । ତୁମେ ଆସି ଉଦ୍ଧାର କଲ । ବିଶ୍ୱାସ ଘାତକ ମଦନପାଳ ବନସ୍ତରେ ପଡ଼ି ମରିଥାନ୍ତା । ତାକୁ ଆଣି ବଞ୍ଚାଇଲି । ମୋହବଶରେ ପଡ଼ି ଦେହ ମନ ସମର୍ପଣ କଲି । ଦାସୀ ହୋଇ ଚରଣ ସେବାରେ ବି ତ୍ରୁଟି କଲି ନାହିଁ । ଶେଷକୁ ତାର ଫଳ କଣ ଏଇୟା ?

ସନ୍ଧ୍ୟାବାଳୀ ପଚାରିଲା — ତୋତେ ଛାଡ଼ି ମଦନପାଳ ପୁଣି ଅଛୁ କେମିତି ?

Digitized by srujan ka@gmail.com

କହିଲ—ରଜା ପୁଅକୁ କ'ଣ ଖଜା ଅପୂର୍ବ ଅଛୁ ? ମୋତେ ଗୁଣ୍ଡିବାର ବୃଣ୍ଦାବନ ପରେ ସେ ପୁଣି ଗୋଟିଏ ରଜାଝିଅକୁ ବନ୍ଧ ହୋଇଛନ୍ତି ।

ସନ୍ଧ୍ୟା କହିଲ—ଯାହା ତ ହେବାର ହୋଇ ଗଲଣି । ସେ କଥା ଗୁଣ୍ଡାକ ମନରେ ନ ଧରି ବାପ ଘରକୁ ଯା । ସେଠି ସବୁକଥା କହିବୁ । ବୁଡ଼ୀ ହାଡ଼ ତ ହୋଇନୁ । କପୂର ଅଛୁ । ବାପ ଦେଖା ଶୁଣା କରି ଆଉ ଜଣକ ହାତରେ ଟେକ ଦେବେ ।

ରତ୍ନମଞ୍ଜରୀ କହିଲ—ଆଉ ସେ କଥା ହେବ ନାହିଁ । ନପ୍ସମ କରି କହୁଛୁ ଜୀବଦ୍ଦଶାରେ ଥିବାଯାଏ କେବେହେଲେ ବିଶ୍ୱାସ ଘାତକ ପୁରୁଷ ଜାତିକି ମୁଁ ବିଶ୍ୱାସ କରିବି ନାହିଁ ।

ବିଶ୍ୱାସ ଘାତକ ଅଟେ ପୁରୁଷ ମରତେ
କଦାପି ତାହାକୁ ମୋର ନାହିଁ ଗୋ ପରତେ ।
ନ ବୃହିଁବି ମୁଖ ତାର ହେବ ତପସ୍ୱିନୀ
ନଭୁବା ହାରିବ ପ୍ରାଣ ହୋଇ ଅନାଥିନୀ ।

ଶୁଆ କହିଲ—

ଛେଟେଲ ଭେଲେ ଭେଲେଟରେ
କଥା କହୁ ବେଳ କେଉଁ ମେଲଟରେ ।

ସତୀ ସାଧ୍ୱୀ କଲ୍ୟାଣମୟୀ ନାରୀ । ଓହୋ ରେ ଟେକାଟେ କ ? ବୁଝିଲୁ ନାଁ ସାରୀ ? ତୁ ନାରୀମାନଙ୍କୁ ଯେତେ ଯୋରଟରେ ନିନ୍ଦୁଛୁ, ସେ କଥା ଶୁଣି ମୋ ଖଲଜାରେ ଖାଲି ନଆଁ ଲାଗି ଯାଉଛି । ଜାଣୁଛିକି ? ପୁରୁଷ ହେଲା ସଂସାରର ମେରୁ । ବିଧାତା ସବୁ କ୍ଷମତା ଦେଇଛି ତାରି ହାତରେ । ଧର୍ମ କର୍ମ ଓ ପାପ ପୁଣ୍ୟ ବିଚାର କରି ସେ ସଂସାରଟାକୁ ଚଳାଉଛି । ଶାସନ କରୁଛି । ଦଣ୍ଡ ଛତ୍ର ସେ ଧରିଛି । ପୁରୁଷ ନ ଥିଲେ ଧରଣୀ ନ ଥାନ୍ତା । ସବୁ କଳା ବାଲା, ଜଟେଇଲା ବାଲା, ସନ୍ଧିଲ ବାଲା,

Digitized by srujan ka@gmail.com

କହିଲା ବାଣୀ, ଇତ୍ୟାଦି ସବୁ ହେଲା ପ୍ରତୁଷ । ତା ତୁଳନାରେ ନାଗ ଗୋଟାଏ କଣ ମ ? ଘର କୋଣରେ ଥାଏ, ସବୁ ଉଡ଼ଣା ପକାଏ । କଥା କଥାକେ କାନ୍ଦେ, ରୁଷେ, ଅଭିମାନ କରେ । କପୂମ ବୋଲି କାଆଁ ଗିଳି ଯାଏ । ତା କଥା ଏତେ କାହାଦୁଷା ଦେଖାଇ କହୁଛୁ କଣମ ? ସେଇ ନାଗଙ୍କ କଥା ମୋ ପାଖରୁ ଟିକଏ ମନଦେଇ ଶୁଣ୍ । ତା ପରେ ବୁଝିବୁ, ତୁ ଟାଣ କି ମୁଁ ଟାଣ ।"

ସାରୀ କହିଲା—"କେଣ୍ ହେଲା, କହ ।"
ଶୁଆ ଆରମ୍ଭ କଲା ମୁରୁକି ହସା ଦେଇ—

"ତୁ ଟାଣ କି ମୁଁ ଟାଣ ଦେଖି ତା ଦେଖା ଦେଇଁ
କାଣୁଆ ଭାଇ ତୋ କାଣ କଥା ଜାଣି ରଖୁଛୁ ଲେଖି ।
ନାକସା ଘୂଚଲେ ଉଇଁସା ଠେଲି ନାଆ ମଙ୍ଗରେ ବସି
ଧନ୍ଦା ବନ୍ଧନରେ ଟଙ୍କା ବୋଲିଭୁ ପାରୁଛୁ ଫସ ବସି ।
ଆଜ୍ଜ କଦଳୀ ସାରୁ କଖାରୁ ନଡ଼ିଆ ଯାଏ ଘର
ଘେନର ଚଆଁଏ ଡାକନ୍ତି ବସି ମାରରେ ଧର ମାର ।
ଗଧୁଡ଼ ବୁଢ଼ୀ ପକୁଡ଼ ଖାଇ ବ୍ଲ' ଧଋଛୁ ହାତେ
ଧୋକଡ଼ ବୁଢ଼ୀ ଧପଡ଼ ଆସି ମାଇଲା ତାକୁ ନାତେ ।
ଡାଳ ଗଲା ତା ଭୂଙ୍କା ଯାକ
କାନ୍ଦଲା ବୁଢ଼ୀ ସକେଇ ନାକ ।
କହିଲା ଗଣ୍ଡୀ କୁଞ୍ଚା ମରୁ
ଖାଣ୍ଡୀ ଖଣ୍ଡିକ ଲୋଭ ନକରୁ ସେ
ନ ପାଉ ଚୋପା ପାଣି ।

ଆରମ୍ଭ କଲା...... ....ଅପ୍ସର ଝିଅ—
ମରୁତସେନ କାହାଣୀ ।

Digitized by srujan ka@gmail.com

ଅପ୍‌ହର୍‌ ଜିଅ ଓ ଟୁଡେନ କାହାଣୀ

ହମ୍ବୀର ବୁଲି ବୁଲି ବୁଲି ବୁଲି ଟିକ ଢିଲଣି । ପାଦ ତାର ଆଉ ସଜ ହେଉ ନାହିଁ ଖୋଜେ ଖେଳେ ଚାଲିବାକୁ । ବଣ, ପାହାଡ଼ ନଈ, ନାଳ, ଯୋଉ କେତେ କଣ ପଡ଼ୁଛି, ତାର ସୀମା ନାହିଁକି ସରହଦ ନାହିଁ । ହାତରେ କେନ୍ଦରା ଧରି ବେଳେ ବେଳେ ଗାଁମାନଙ୍କ ଭିତରେ ପଶେ । ଡାକ ହୁଏ—ମୁଠିଏ ମିଳି ଯାଉ ଖାଇବାକୁ । ତା ପରେ ଗୀତ ଗାଏ । କେନ୍ଦରା ବଜାଏ । ଶୁଣିବାକୁ ଲୋକମାନେ ଭିଡ଼ କରନ୍ତି । ସ୍ୱର ଭଲ ଗୀତ ବି ଭଲ । କେନ୍ଦରା ବଜାଇବାରେ ହାତର ଦକ୍ଷତା ଖୁବ୍ । ନ ଶୁଣିଲା ଲୋକର ମନ ହୁଏ ଶୁଣିବାକୁ । ମାଇପେ ଝିଅନ୍ତି । ମୁହଁ ମୋଡ଼ିଦେଇ ଚାଲିଯାନ୍ତି ପଚେ ହ'ପଦ ଶୁଣି । ତା ଗୀତ ଗୁଡ଼ାକ ତାଙ୍କ ହୃଦରେ ଛୁଞ୍ଚି ଫୋଡ଼ିଲା ପରି ଯନ୍ତ୍ରଣା ଦିଏ । ମରଦମାନେ ଭଲ ପାଉଥାନ୍ତି ଶୁଣିବାକୁ । ଆଦର କରି ପାଖରେ ବସାନ୍ତି । ଗୋଟିଏ ପରେ ଆଉ ଗୋଟିଏ ବୋଲିବାକୁ ଫର୍ମାସୀ କରନ୍ତି । ଘରକୁ ଖାଇବା ପାଇଁ ଡାକିଲେ ହମ୍ବୀର ମନା କରେ । ଭିକ ବୋଲି ଯାହା ମାଗି ନିଏ ସନ୍ଧ୍ୟାବେଳେ ତାକୁ ବାଣ୍ଟିଦିଏ ଗରିବ ପିଲାଙ୍କୁ । ନିଜେ ବଣରୁ ଯାହା କିଛି ଫଳମୂଳ ଆଣିଥାଏ, ସେଇକି ଖାଇ ରହିଯାଏ ।

ଏଭଳି ଗୋଟିଏ ଅପୂର୍ବ ଭିକାରି କେବେ କେହି ଦେଖି ନ ଥିଲେ । ତେଣୁ ଲୋକମାନଙ୍କ ଭିତରେ ବେଳେ ବେଳେ ତା କଥାର ଚର୍ଚ୍ଚା ହୁଏ । ଜଣେ ଜଣେ କହନ୍ତି ସ୍ତ୍ରୀ ସଙ୍ଗେ କଳିଆ ଲଗାଇ ସେ ଘରୁ ରୁଷି କରି ପଳାଇ ଆସିଛି । ଆଉ ଜଣେ ଜଣେ କହନ୍ତି—ମିଛ ମାୟା ସଂସାର ପ୍ରତି ତାର ଆସି ଯାଇଛି ବୈରାଗ୍ୟ । ତେଣୁ ସେ ବୁଲିବୁଲି ଜୀବନ ନେଉଛି ସମସ୍ତ କଟାଇବାରେ । ଏମିତି ନାନା କଥା ପଡ଼େ । ସେ ସବୁ ହିସାବ ରଖିଲା ଉପନ୍ୟାସ ହୋଇଥିଲେ । କାହାଣୀରେ ତାର ବା ଦରକାର କଣ ?

Digitized by srujan ka@gmail.com

ଠିକ ଠିକ କଥା । ଚଞ୍ଚଳ କହୁ ବେଳେ ଯାଏ । ନାଁ କଣ ଶାରୀ ?

ଶାରୀ କହିଲା—ଯାହା କହିଲୁ, ସେ କଥା ଠିକ୍ । କାହିଁକି ନାଁ, ତୋର ଗୋଟିକୁ ମୋର ଗୋଟିଏ । ଥାକକୁ ଥାକ ମିଳାଇ ଚଞ୍ଚଳ ଚଞ୍ଚଳ ସାରିଦେଲେ କାହାଣୀର ସଂଖ୍ୟା ବଢ଼ିବ । ବାବଲୁଦଆ ବି ବୁଲିବ ବେଳକୁ ବେଳ ବେଶି ବେଶି । ହଁ, ତାପରେ କଣ ହେଲା ?

ଶୁଆ କହିଲା—ହେଲା ମଣ୍ଡା ପିଠା । ହଣ୍ଡା ହାଣ୍ଡି କୁଣ୍ଡ ସବୁ ଭଙ୍ଗି ହୋଇଗଲା । ମୋତେ ଦେଲେ ପୁର । ତୋତେ ଦେଲେ ଚଣା ଲପା ।

ଶାରୀ କହିଲା—ସେ ଫେରକାମୀ ଗୁଡ଼ାକ ଥାଉ । ଚଞ୍ଚଳ ଚଞ୍ଚଳ କାହାଣୀ କହିଯା । ମୋ ମନ ଖାଲି ଉଦେଇ ଖଦେଇ ହେଲାଣି ।

ଶୁଆ କହିଲା—ହଉ ତେବେ ଶୁଣ୍ । ଥରେ ସନ୍ଧ୍ୟାବେଳେ ପ୍ରବୀର ଏ ଗାଆଁ ସେ ଗାଆଁ ବୁଲି ବୁଲି ଶେଷକୁ ପହଞ୍ଚିଲା ଗୋଟିଏ ନୂତନ ଗାଆଁରେ । ଘର ଦ୍ୱାର ଅନେକ, ମାତ୍ର ମଣିଷ ଅଛି ମୋଟେ ଗୋଟିଏ । ତାର ହାତେ ଲମ୍ବ ନଖ, ବେଢ଼ ହାତ ଲମ୍ବ ଦାଢ଼ୀ । ଜଟା କ ବକଳ ନାହିଁ । ଗେରୁଆ ଲୁଗା ପିନ୍ଧେ । ମଉଜ ମଜଲିସ କରି ଖାଏ । ସବୁ ବେଳେ ଖାଲି ତଚା' ଜପରେ ଈଶ୍ୱରଙ୍କର । ମନରେ ଦୁଃଖ କ କଷ୍ଟ କିଛିଏ ହେଲେ ନ ଥାଏ ।

ସେଇ ଆଶ୍ଚର୍ଯ୍ୟ ମଣିଷ ଜଣକ ପ୍ରବୀରକୁ ଦେଖିଲା ମାତ୍ରେ ସମାଦର କରି ଘରକୁ ଡାକ ନେଲା । ବସା ସଞ୍ଚା ଯୋଗାଇ ଦେଇ କହିଲେ ଏଠିକି ଆସିଲେ ଅତିଥି ଭୋକେ ରହିବ ନାହିଁ । ତେଣୁ ଇଚ୍ଛା କଡ଼ା କରି ଖାଅ । ଯଦି ତାହା ନ କର, ତେବେ ମୋ ଦ୍ୱେଷାଇରେ ଖାଇବାକୁ ଅନୁମତି ଦିଅ ।

Digitized by srujan ka@gmail.com

ସୁବୀର କହିଲା—ମୁଁ ତୁମର ସେବାଇରେ ଖାଇବ । ମାତ୍ର ଗୋଟିଏ କଥା ।

ପଚାରିଲେ—କି କଥା ?

କହିଲା—ଏତେ ବଡ଼ ଗାଆଁରେ ମଣିଷ ନାହାନ୍ତି । ତୁମେ ବି ଗୋଟାଏ ରହସ୍ୟମୟ ଜୀବନ ଯାପନ କରୁଛ । ଏହାର ମାନେ କଣ ?

ଲୋକ ଜଣକ କହିଲା—ତାର ମାନେ ତ ବହୁତ କଥା । ନିତାନ୍ତ ଯଦି ଶୁଣିବାକୁ ଇଚ୍ଛା ଅଛି ତେବେ ଶୁଣାଇବ । ମୋ ଜୀବନ ସଙ୍ଗେ ଏ ଗାଁ, ଭୂମି, ଜଙ୍ଗଲ, ପାହାଡ଼ ସବୁ ହୋଇ ଉଠିଛି ରହସ୍ୟମୟ । ନାରୀ ଜାତିର ଶତ୍ରୁ ମୁଁ । ତେଣୁ ଏଠାରେ ଗୋଟିଏ ନିଃସଙ୍ଗ ଜୀବନ ବିତାଇ ନେଉଛି ଶାନ୍ତିରେ । ନାରୀମାନଙ୍କର ଛାଇ ଏଠି ପଡ଼େ ନାହିଁ କି ପଡ଼ିବ ନାହିଁ ।

ସୁବୀର ପଚାରିଲା—କାରଣଟା କଣ ?

ଲୋକ ଜଣକ କହିଲେ—ଗୋଟିଏ ଗ୍ରାମରେ ଜଣେ ଧନୀ ଓ ପ୍ରତିପତ୍ତିଶାଳୀ ଲୋକ ବାସ କରୁଥିଲେ । ତାଙ୍କ ସ୍ତ୍ରୀ ଖୁବ୍ ସୁନ୍ଦରୀ । ରୂପ ମୋହକରେ ସେ ସ୍ୱାମୀଙ୍କ ମୋହ କରି ରଖିଥାଏ । ଯେତେବେଳେ ଯାହା କହେ, ତାହା ତ କଥା ନୁହେଁ, କେବଳ ଆଦେଶ ।

ବୃଦ୍ଧ ସ୍ୱାମୀଙ୍କ ନାଁ ଗଦାଧର । ମୁଁ ତାଙ୍କ ପାଖରେ ଚାକିରି କରିଥାଏ । ତାଙ୍କ ସମ୍ପତ୍ତି ବାଡ଼ି ଟଙ୍କା ପଇସା ଯାହା କିଛି ସବୁ ବୁଝେ । ମୋତେ ସେ ଦିଆନ ବୋଲି ଡାକନ୍ତି । ବିଶ୍ୱାସ କରନ୍ତି ଖୁବ୍ । ମୁଁ ଯାହା କରେ କୋଉ କଥାରେ ସେ ଅବିଶ୍ୱାସ କରନ୍ତି ନାହିଁ ।

ମୋ ନା ମରୁତସେନ । ସେତେବେଳେ ଯୁବା ବୟସ । ବିଭା ହୋଇ ନ ଥାଏ । ରୂପ ଖଣ୍ଡିକ ଆଉଟା ସୁନା ଭଳିଆ

Digitized by srujan ka@gmail.com

ଚଳ ଚଳ ହେଉଥାଏ । ସେ'ତୁ ସନ୍ଧ୍ୟା ପର୍ଯ୍ୟନ୍ତ କେବେ ହେଙ୍ଗଳ ଅଖି ସରୁ ଓଢ଼ଣା ଭିତରୁ ଟାଣି ହୋଇ ଆସେ ମୋ ଉପରକୁ । ମୋ ଚଞ୍ଚରେ ମୁଁ ଦେଖେ । ଆନନ୍ଦ ପାଏ । ଗୁଡ଼ ପୁଲକି ଉଠେ । ମାତ୍ର କେବେ ହେଲେ ଟଙ୍କୁଆ ବାଟରେ ପାଦ ରଖି ଚେପି ଚିବାକୁ ଚାହେଁ ନାହିଁ ।

ଏମେ ଏମେ ମନଟା ଅମାନିଆ ହୋଇ ଉଠେ । ଓଢ଼ଣା ଭିତରୁ ଟାଣି ହୋଇ ଆସୁଥିବା ଆଖି ସାଙ୍ଗରେ ଆଖି ମିଳାଇ ଦେଇ ଭୃକୁଟି ନଚେଇ ଦଏ । ତା ପରେ ମୋ ସାରା ମନ । ଗୁଣ୍ଡିକ କୁଞ୍ଜ ବନରେ ହେଉ କି ନିର୍ଜନ ଜାଗାରେ ହେଉ ଭେଟିବା ପାଇଁ ।

ଦୋଠଙ୍କ ସ୍ତ୍ରୀ ନାଁ ମାଳତୀ । ଗୋଟିଏ ଶଯ୍ୟାର ନାୟିକା ନୁହେଁ ସେ । ଜାଣେନା ତାର ଚରିତ୍ରର ବିଳାସ କହିବାକୁ କହୁଥାଏ ସେ । ତାର ଲୁଚ ଲୁଚ ଅବସ୍ଥାରେ ଅନେକ ପ୍ରିୟ ଥାଆନ୍ତି । ଦୋଠର ସେ ସବୁ ସନ୍ଧାନ ଜାଣନ୍ତି କି ନାହିଁ ସେ କଥା ମୋତେ ଜଣା ନାହିଁ । ତଥାପି ଗଦାଧର ଯେ ମାଳତୀର ଦାସ ଏ କଥା ମୁକ୍ତ କଣ୍ଠରେ ଘୋଷଣା କରିବ ।

ମାଳତୀ ଖୁବ୍ ସୁନ୍ଦରୀ । ଗଦାଧର ଖୁବ୍ ଲେଖା । ରୂପ ଲାଳସାରେ ଏତେ ମସ୍‌ଗୁଲ ହୋଇ ଥାଆନ୍ତି ଯେ, ମାଳତୀକୁ ପାଦ ଧୋଇ ବାଟି ଗୋଟା ଦିନକୁ ସାତଥର ପିଇଲେ ବି ଶାନ୍ତି ଆସନ୍ତା ନାହିଁ । ଏଭଳି ଆକର୍ଷଣ ଥିବା ଜାଣି ମାଳତୀ ଉଚିତ ବ୍ୟବସ୍ଥା କରୁଥାଏ ।

ଗଦାଧରଙ୍କୁ ଖାଲି ଆଦେଶ ଉପରେ ଆଦେଶ ପାଳନ୍ କରିବାକୁ ହୁଏ । କିନ୍ତୁ ଗଦାଧର ତା' କଥା ଯେତେ ଭାଙ୍ଗି ପାରନ୍ତି ନାହିଁ କି ଟାଣ କରି କଥା ପଦେ କହି ପାରନ୍ତି ନାହିଁ । କଥାରେ ଅଛି—

Digitized by srujan ka@gmail.com

"ରମଣୀ ବଶରେ ରହେ ଯେ ପୁରୁଷ
ପ୍ରକାଶିବ କାହୁଁ ତାହାର ପୌରୁଷ ?
ଅପଣା ନିଜର ରଖି ନ ପାରଇ
ପ୍ରତି ପଦେ ପଦେ ନାରୀକୁ ଡରଇ ।
ଯାହା କହେ ନାରୀ ନ ପାରଇ ଲଙ୍ଘି
ତାହା ଲାଗି ବୁଲେ ବାଉଁ ଦ୍ୱାର ମାଗି ।
ତୋଷ ହେଲେ ନାରୀ ସେ ହୁଏ ସନ୍ତୋଷ
ନାରୀ ଅସନ୍ତୋଷେ ତାର ଅସନ୍ତୋଷ ।
ବିଷ୍ଣୁ ଭକ୍ତ ଯେହ୍ନେ ପୂଜେ ଶାଳଗ୍ରାମ
ତେହ୍ନେ ସେ ନାରୀକୁ ପୂଜେ ଅନୁପମ ।
ନାରୀ ବୋଲେ ଜଳ ପାଏ ମଡ଼ିବାକୁ
ଆନ ବୋଲେ ଭୂଏଁ ନାହିଁ ବସିବାକୁ ।

ଗଦାଧର ଠିକ୍ ଏହି ପ୍ରକୃତିର ମଣିଷ ଥିଲେ । ମାଳତୀ ପ୍ରତି ତାଙ୍କର ଅଶାନ୍ତ ଭାବରେ ଦୁର୍ବଳତା ଥିଲା । ସେହି ଦୁର୍ବଳତାର ସୁଯୋଗ ନେଇ ମାଳତୀ କରୁଥିଲା ମନମୁଖୀ କାର୍ଯ୍ୟ । ଗଦାଧର ହେଥିରେ ଘୃଣାଏ ହେଲେ ବାଧା ଦେଇ ପାରୁ ନ ଥିଲେ ।

ଦିନେ ମୁଁ ସନ୍ଧ୍ୟା ବେଳେ ନଜର ନିତ୍ୟକର୍ମ ସାରି ବସିଛି । ଦାସୀଟିଏ ଆସି କହିଲା—"ମାଲିକାଣୀ କହୁଛନ୍ତି, ତୁମେ ଯାଇ ତାଙ୍କୁ ଦେଖା କରିବ । ସେ ଦିନ ଗଦାଧର ନ ଥାନ୍ତି । ଯାଇଥାନ୍ତି ଗୋଟିଏ ଦୂର ଗାଁଆଁକୁ । ଦୁଇଦିନ ପରେ ଆସିବାର କଥା । ତେଣୁ ମାଳତୀଙ୍କ ଯୁଟିଥାଏ ସୁବର୍ଣ୍ଣ ସୁଯୋଗ । ମୌକା ଦେଖି ଚେଷ୍ଟା କଲା ମୋ' ଉପରେ ହାତ ପକାଇବାକୁ । ଦାସୀ ଜଣକ ଡାକ ଶୁଣିଲାବେଳେ ଏକଥା ଅବଶ୍ୟ ମୁଁ ଧାରଣା କରି ନ ଥିଲି । ତେଣୁ ଡର ଡର ହୋଇ ଗଲି ଦେଖା କରିବାକୁ । ସେତେବେଳେ ମାଳତୀ ପାଖରେ ଗୋଟିଏ ଦାସୀ ଛଡ଼ା ଆଉ କେହି ନ ଥିଲେ ।

Digitized by srujan ka@gmail.com

ମୋ ପାଇଁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହୋଇ ରଖା ଯାଇଥିଲା । ପହଞ୍ଚିବା ମାତ୍ରେ ମାଳତୀ ହସ ହସ ମୁହଁରେ ଆସି ମୋ ହାତଧରି ନେଇ ଗଲା ପଲ୍ୟଙ୍କ ଉପରକୁ । ଖାଇବାକୁ ଦେଲା । ମନାକଲି ନାହିଁ । ଖାଇ ବସିଲି । ଏତିକି ବେଳେ ଦାସୀଟି ଚାଲିଗଲା ଅନ୍ୟ କାମରେ ।

ମୁଁ ଖାଇ ପିଇ ସାରି ପଚାରିଲି ମାଳତୀକି । କାହିଁକି ଡକାଇଲ ?

ମାଳତୀ ନାନା କଥା ପ୍ରସଙ୍ଗରେ ବୁଲେଇ ବୁଲେଇ ଶେଷକୁ ପ୍ରେମ ନିବେଦନ କଲା । ମନଟା ବିଷାକ୍ତ ହୋଇ ଉଠିଲା ମୋର । ମନେ ମନେ ଭାବିଲି—

ପ୍ରଭୁ ପତ୍ନୀ, ଗୁରୁ ପତ୍ନୀ, ଆପଣା ଜନନୀ
ବନ୍ଧୁ ପତ୍ନୀ, ନୃପ ପତ୍ନୀ, ମାତୁଳ, ଭାବିନୀ ।
ପିଉସୀ ଶ୍ୱଶୁର ପତ୍ନୀ, ମାଉସୀ ଯେ ଖୁଡ଼ୀ
ଜେଠାଇ ଇତ୍ୟାଦି ଯେତେ ବୟସରେ ବୁଢ଼ୀ ।
ପରମା ଜନନୀ ଏହି ବେଦରେ ଗଣନା
ନିକାଳେ ଏହାଙ୍କୁ କର ଭକ୍ତି ଉପାସନା ।

ଜାଣି ଶୁଣି ଏ ଭଳି ଅନ୍ୟାୟ ବାଟରେ ପାଦ ବଢ଼ାଇବାକୁ ମୋର ଇଚ୍ଛା ହେଲା ନାହିଁ । ମାଳତୀକ ମୁହେଁ ମୁହେଁ ଦୁ' ପଦ କଡ଼ା ମିଠା କଥା ଶୁଣାଇ ଦେଇ ଚାଲି ଆସିଲି । ତାପରେ ସେ ମୋ ପାଖକୁ ଅନୁନୟ ବିନୟ କରି କହି ପଠାଇଲା—ମନ ବଢ଼ିବାକୁ ମୁଁ ସେଭଳି ପରୀକ୍ଷା କରିଥିଲି । ସେଥିରେ ତୁମେ ଯଶସ୍ୱୀ ହୋଇଛ । ତେଣୁ ପ୍ରଶଂସା ନ କରି ରହି ପାରୁନି । ମାଲିକ ଆସି ପହଞ୍ଚିଲେ କାର୍ଯ୍ୟୋନ୍ନତି କରାଯିବ । ବର୍ତ୍ତମାନ ଅନୁରୋଧ ଏତିକି ଯେ, ସେ ଦିନ ରାତି କଥାଟା ଯେମିତି ମାଲିକଙ୍କ କାନକୁ ନ ଯାଏ ।

Digitized by srujan ka@gmail.com

କଥାଟା ମାନ ନେଲ ତାର ସବୁ କଥାପାକ ଗୁପ୍ତ ରହିଗଲା । କାହାରୁ କୋଇଲ ଜାଣି ପାରିଲେ ନାହିଁ । ତଭୁଞ୍ଜ ମାଳଶ୍ରୀ ଏତକ ମାତ୍ର ସୁବିଧା ଭିତରେ ପ୍ରତିଶୋଧ ନେଇଗଲା ମୋ'ଠାରୁ ।

ଗଦାଧର ଆସିବା ମାତ୍ରେ ତାଙ୍କୁ କହିଲି—ଦିଆନକୁ ବୁଦ୍ଧ, ସାତଦିନ ଭିତରେ ମୋତେ ଗୋଟିଏ ଅପ୍ସରା ମଣି ଆଣି ଦିଅନ୍ତୁ । ତା ନ ହେଲେ ମୁଣ୍ଡକାଟ ଶାସ୍ତି ଦିଅନ୍ତୁ ।

ମାଁଗୁର ହେଲେ ଗଦାଧର । ଇଚ୍ଛା ବିରୁଦ୍ଧରେ ବାଧ୍ୟ ହେଲେ ମୋ ଆଗରେ କହିବାକୁ । ଶୁଣିଲି ମାତ୍ରେ ପୂର୍ବ କଥା ଯାକ ମୋର ମନେ ପଡ଼ିଗଲା । ଭାବିଲି—ଏଣିକ ଏଠାରେ ରହିବା ଘୋର ବିପଦ । ମାଳଶ୍ରୀ ଗୋଟିଏ କଲ୍ୟାଣମୟୀ ନାରୀ ନୁହେଁ । ଯୁବକର ରକ୍ତ ମାଂସ ଶୋଷିଣୀ କଣ୍ଠା ରାକ୍ଷସୀ । ମନିଷ ସୁସ୍ଥ ମସ୍ତିଷ୍କରେ ଥାଇ ତାପାଖରୁ ଦୂରେଇ ଯିବା କୋଟି ଗୁଣେ ମଙ୍ଗଳ । ଯୁକଶ୍ରୀ ମୋହରେ ପଡ଼ି ରହିଲେ ନିଆଁ ସଙ୍ଗେ ଖେଳିଲା ପରି ହେବ । ଏଇ କଥା ଭାବି କର୍ମ କ୍ଷେତ୍ରର ମାୟା ଛାଡ଼ି ଦେଲି ।

ଅପ୍ସରା ମଣି କଥା ବା ପଶୁରେ କଏ । ସାର ହେଲା ସେଠାରୁ ପଳାଇ ଯାଇ ଅନ୍ୟ ସ୍ଥାନରେ ଶାନ୍ତିମୟ ଜୀବନ ଯାପନ କରିବା । ଭଲହେଲ ଭଲ ଦିନ କଥା ପଚାରେ ବା କଏ । ନିଜର ଜୀବନ ଓ ମାନ ରଖିବା ପାଇଁ ସର୍ବମଙ୍ଗଳ ଜଗନ୍ନାଥ କରି ଯାତ୍ରା କଲି ତମଟ ।

ସେ ଗାଆଁର ସୀମା ଛାଡ଼ିଗଲା ପରେ ମନେ ମନେ ପ୍ରଭୁଙ୍କୁ ଗୋଟିଏ ନମସ୍କାର ପକାଇ କହିଲି ଭଲ କଣ୍ଟାଣଟେ ଦେଖେଇ ଦେଲ । ତା ପରେ ଚାଲିଲି ଏକ ମୁହାଁ । ବଣ ପଡ଼ିଲେ ହୁଁ, ପର୍ବତ ପଡ଼ିଲେ ହୁଁ, ନଈ ନାଳ ପଡ଼ିଲେ ବି ହୁଁ ।

ଯାଇ ଯାଇ ସାତଦିନ ପରେ ପହଞ୍ଚିଲି ଗୋଟାଏ ଅପୂର୍ବ ଜାଗାରେ । ବଣ ପର୍ବତ ଚିକଏ ଦୂର ଛଡ଼ାରେ ଥାଏ । ମଝିରେ

Digitized by srujan ka@gmail.com

ଖଣ୍ଡେ ଖୋଲା ପଡ଼ିଆ । ପଡ଼ିଆ ମଝିରେ ଗୋଟିଏ ବରଗଛ । ତେର ଗୁଡ଼ାକ ତଳକୁ ଓହଳି ଧାଡ଼ିକ ଧାଡ଼ି ଘର ସୃଷ୍ଟି କରିଛି । ଡାଳ ସବୁ ଲଟେଇଯାଇଛି ଚାରିପାଖେ ବାଟ । ଗଛ ଗୋଟାକଯାକ ଲଦି ହୋଇଛି ଖାଲି କଅଁଳ ପତ୍ର । ଦେଖିବାକୁ ମଜା ଲାଗିଲା । ସର ସର ସନ ସନ ପବନ ବହୁଥାଏ । ଥଣ୍ଡା ଲାଗିଲା ଦେହକୁ । ତେଣୁ ଆଉ ଅନ୍ୟ ଆଡ଼େ ଯିବାକୁ ମନ ନ କରି ବସିଲି ତାରି ତଳେ ।

କୋରଡ଼ ଭିତରୁ ମାଙ୍କଡ଼ଟିଏ ବାହାରି ପଡ଼ିଲା । ଚଙ୍ଗ ଚଙ୍ଗ ହୋଇ ଥରେ ଦୁ'ଥର ଏଣିକି ତେଣିକି ଅନାଇ ଦେଲା ପରେ ଏକ ମୁହାଁ ଆଗେଇ ଗଲା ଗୋଟିଏ ନାଳ ପାଖକୁ । ରହସ୍ୟଟା କଣ ଜାଣିବା ପାଇଁ ମୁଁ ବି ଚାଲିଲି ତା ପଛେ ପଛେ । ଏକ ମୁହାଁ ଚାଲି ଥିବାରୁ ସେ ଅବଶ୍ୟ ଜାଣି ପାରିଲା ନାହିଁ । ତଥାପି ମନଟା ମୋର ଛଟପଟ ହେଉଥାଏ । ସେ ପାଣିମୂଳେ ପହଞ୍ଚି ଗୋଟିଏ ଲତା ଆଡ଼ୁଆଳରେ ଟିକିଏ ଶୋଇ ପଡ଼ିଲା । ମୁଁ ବି ଗୋଟିଏ ଗଛ ପାଖରେ ନିଜକୁ ଲୁଚାଇ ଦେଲି । କିଛି ସମୟ ପରେ ଦେଖିଲି ଗୋଟିଏ ଦିବ୍ୟ ସୁନ୍ଦରୀ କନ୍ୟା ପାଣିକି ଗଡ଼ିଲା ଗାଧୋଇବାକୁ ।

ଭାରି କୌତୁକ ଲାଗିଲା ମୋତେ । ରହସ୍ୟ ଜାଲରେ ପୂରା-ପୂରି ବନ୍ଦ ହୋଇ ପଡ଼ି କେତେ ଆଉ କେତେ କଥା ଭାବିଲି । ତା ପରେ ଧୀରେ ଧୀରେ ଚାଲିଲି ସେ ଯୋଉଠି ଗାଧୋଉଥିଲା, ସେଇ ଜାଗାକୁ ।

ଲତା ପାଖରେ ପଡ଼ିଛି ଗୋଟିଏ ମାଙ୍କଡ଼ର ଖୋଳପା । ତାରି ଭିତରୁ କନ୍ୟାଟି ବାହାରି ଯାଇ ଗାଧୁଆ ପାଧୁଆ କରୁଛି । ମୁଁ ଆଉ ସମ୍ଭାଳି ରହିଲି ନାହିଁ । ଗୋଟିଏ ଜବରଦସ୍ତ ମାଡ଼ରେ ଖୋଳପାଟିକୁ ଓଲଟ ପାଲଟ କରି ଦେଖିବାକୁ ଲାଗିଲି । ନଜର ପଡ଼ିବା ମାତ୍ରେ କନ୍ୟାଟି ପାଣିରୁ ଉଠି ଦଉଡ଼ି ଆସିଲା ଏବଂ ମୋତେ କହିଲା—ଯାହା ତ କଲ୍'କଲ, ଆଉ ସେ ଖୋଳପାରେ ଲାଗ ନାହିଁ ।

Digitized by srujan ka@gmail.com

ପଚାରିଲି—ତୁମେ କିଏ ?

କନ୍ୟା—ସେ କଥା ପରେ ଜାଣିବ । ଏକ୍ଷଣି ମୋ ସଙ୍ଗରେ ଆସ । ତୁମକୁ ସଙ୍ଗରେ ନେଇ ରହିବା ଜାଗାଟା ଦେଖାଇ ଦେବି । କହୁ କହୁ ଖୋଳ ଭିତରେ ପଶିଗଲା ସେ । ମୁଁ ଏକ ପ୍ରକାର ବୋକା ପାଲଟି ଗଲି । ପଛେ କିଛି କହିବାକୁ ମୁହଁ ଖୋଲିଲି ନାହିଁ । କନ୍ୟାଟି ପାଦ ଉଠାଇବା ମାତ୍ରେ ମୋତେ କହିଲା ଆସ ।

ସେ ଚାଲିଲା ! ତା ପଛେ ପଛେ ମୁଁ ବି ଚାଲିଲି । ନିଃଶବ୍ଦରେ ଦୁହେଁ ଯାଇ ପହଞ୍ଚିଲୁ ସେଇ ଗଛ ପାଖରେ । କନ୍ୟା ମୋ ହାତଟି ଧରି ନେଇ ପଶିଗଲା କୋରଡ଼ ଭିତରେ । କିଛିଦୂର ଗଲା ପରେ ପଡ଼ିଲା ଦିବ୍ୟ ସୁନ୍ଦର ଘର ମହଲକୁ ମହଲ । ଅପୂର୍ବ ସପୂର୍ବ ଜିନିଷ ପତ୍ରର ଅଭାବ ବି ନାହିଁ । ଯେଉଁ ଆଡ଼କୁ ଅନାଇ ଘରର ସାଜସଜ୍ଜା ଦେଖି ମୁଁ ବାକା ହୋଇଗଲି । ଲାଗିଲା ଇନ୍ଦ୍ର ଭୁବନରେ ପଶିଲି ପରି । ହେଲେ କ'ଣ ହେବ, ଏତେ ବଡ଼ ଘରଟି ଭିତରରେ ସେଇ ଗୋଟିଏ ବୋଲି ମଣିଷ । ମୋତେ ଆସନରେ ବସିବାକୁ ନିର୍ଦ୍ଦେଶ ଦେଇ ସେ ଲାଗି ପଡ଼ିଲା ତା'ର କାମରେ ।

ମୁଁ ବସି ବସି କେବଳ ଆକାଶ ପାତାଳ ଭାବୁଥାଏ । ଖାଦ୍ୟ ନେଇ ଆସିଲା ସେଇ ବାନସ୍ତ ଜଣକ । ମୋତେ ଅନୁରୋଧ କଲା ଖାଇବାକୁ । କିଛି ପ୍ରତିବାଦ ନ କରି ଲାଗି ପଡ଼ିଲି ଖାଇବାରେ । ସୁଆଦ ବି ଲାଗୁଥାଏ । ଯେତେ ଖାଇଲେ ମଧ୍ୟ ମନ ହେଉଥାଏ ଆହୁରି ଖାଇବାକୁ । ତଥାପି ମନଟା ଶାନ୍ତ ଲାଗୁ ନ ଥାଏ ।

ଦିନ ଯାଇ ସନ୍ଧ୍ୟା ଆସିଲା । ମାଙ୍କଡ଼ ଖୋଳପାରୁ ବାହାରି ସେଇ ରୂପବତୀ କନ୍ୟା ଆସି ବସିଲା ମୋ ପାଖରେ । ମୁଁ କିଛି ନ ପଚାରିବା ଆଗରୁ ଲାଗିଲା ତାର ପରିଚୟ ଦେବାକୁ । ଗୋଟିଏ ଅପ୍ସରା କନ୍ୟା [illegible] ସେ । ବାପ କି ମାଆ କେହି ନାହାନ୍ତି । ଭାଇ ବୋଲି ଗୋଟିଏ ଥିଲା ଯେ, ସେ କାହା ଫାନ୍ଦରେ ପଡ଼ି ଆଜି ଏଠାକୁ

Digitized by srujan ka@gmail.com

ଆସେ ନାହିଁ । ସବୁବେଳେ ଏକାକୀ ରହିବାକୁ ପଡ଼େ । ମନରେ ଜମା ଶାନ୍ତି ଆସେ ନାହିଁ । କେବଳ ଭଗବାନଙ୍କ ପାଖରେ ଜଣାଉ ଥାଏ ନରଲୋକରୁ ଗୋଟିଏ ସ୍ୱାମୀ ମିଳୁ ।

ଆଜ ମୋତେ ଭେଟିଲା ବେଳୁ ମନଟା ତାର ଖୁବ ଆନନ୍ଦ, ଚାଲିଲେ ପାଦ ଲାଗୁ ନ ଥାଏ । କଳ କଳିଆ ସେ କେତେ କଣ ଗପି ଯାଉଥାଏ ଓ କାମକର ଯାଉଥାଏ । କଥା ସେ ନିଜେ ବି ଜାଣି ପାରୁ ନ ଥାଏ । ମୁଁ ବି କାବା ହେଉଥାଏ ତା କାର୍ଯ୍ୟ କଳାପ ଦେଖି ।

ରାତି ଅଧରୁ ଗଡ଼ିଲା । ଦୁହେଁ ଯାକ ବସି କେତେ ଆଡ଼ୁ କେତେ ଗପ ପକାଇଲୁ । ହସ ଖୁସିର ସୀମା ରହିଲା ନାହିଁ । ମୋର ଢ଼ଳ ଢ଼ଳ ଯୁବା ବୟସ । ମନରେ ସହସ୍ର ପ୍ରକାର ରଙ୍ଗ ଲାଗି ଆସୁଥାଏ । ଏଣେ ମାଳଣୀ ଉଦ୍ୟାନରେ ପଡ଼ ଦେଖ ବଣରୁ ବଂଚାଢ଼ଛି ହୋଇଛୁ । ପରେ ପରେ ପାଇଛୁ ଏକ ସୁନ୍ଦରୀ ଯୁବତୀର ସାନ୍ନିଧ୍ୟ । ମନଟା କୁରୁଳ ଉଠୁଥାଏ । କଣ କରିବ ନ କରିବ ବୋଲି ଭାବୁ ଭାବୁ ସେ ଆଗବଳି କହି ପକାଇଲା ବନ୍ଧୁ ହେବାକୁ ।

ମୁଁ କହିଲି—ମୋତେ ଜଣେ ଧର୍ମାଲୋକର ବାଲମା ପଠା-ଇଛୁ ଗୋଟିଏ ଅପ୍‌ସରମଣି ନେବା ପାଇଁ । ଏକଥା ଶୁଣି ସେ ହସିଲା ଏବଂ କହିଲା—ଏ କଥା ଯିଏ କହୁଛୁ ସେ କେବେ ହେଲେ ତୁମର ମଙ୍ଗଳ କାମନା କରିନାହିଁ । ଅପ୍‌ସର ମଣି ମିଳିବାର କଥା ନୁହେଁ । ଗୋଟିଏ ବୋଲି ମଣି । ସେ ଥାଏ ଇନ୍ଦ୍ରଙ୍କ ମୁକୁଟରେ । ମଣିର କଥା ଦୁରେ ଥାଉ, ଦେବତାମାନେ ବି ତାକୁ ଆଣି ପାରିବେ ନାହିଁ । ନାଁ ଧରିଲେ ମରିବାକୁ ପଡ଼ିବ । ବଜ୍ରବାଣର କଥମତ କ’ଣ କମ୍ ?

ମୁଁ ପଚାରିଲି—ତେବେ କଣ କରିବ ?

କହିଲା—କିଛି କରିବା ଦରକାର ନାହିଁ । ସେଠିକି ଫେରିଯିବା ଆଶା ଛାଡ଼ ମୋ ସଙ୍ଗେ ବନ୍ଧୁ ହୁଅ । ଏକ ଜାଲ ଗୃହାକ

Digitized by srujan ka@gmail.com

ଖୁସିରେ କଟିଯିବ । ମୁଁ ତୁମକୁ ଦେବତା ପରି ପୂଜା କରିବି । ତା କଥା ଗୁଡ଼ାକ ଶୁଣି ମୋତେ ଭାରି ଆନନ୍ଦ ଲାଗିଲା । ତା ପାଖରେ ମୋହନୀ ବିଦ୍ୟା ଥିଲା କି କଣ କେଜାଣି, ମୋ ପ୍ରାଣରେ ଲାଗିଗଲା ମୋହନୀ । ମୁଁ କେବେ ହେଲେ ତାକୁ ଆଉ ଭୁଲି ପାରିଲି ନାହିଁ । ଗନ୍ଧର୍ବ ବିଧିରେ ଦୁହେଁ ବାନ୍ଧା ହୋଇ ଖୁବ୍ ଖୁସିରେ କାଳ କାଟି-ବାକୁ ଲାଗିଲୁ । ବହୁତ ଦିନ ପର୍ଯ୍ୟନ୍ତ ମୁଁ କିଛୁ ଜାଣି ପାରିଲି ନାହିଁ । ସେ କନ୍ୟା ଏତେ ଚତୁରୀ ଓ ଏତେ ମାୟାବିନୀ ଯେ ତା କଥା ବୁଝିବା, ଇନ୍ଦ୍ର ଜାଣିବା କଷ୍ଟ । ମୁଁ ତ ଛାର ମଣିଷଟାଏ । ତା କଥା ଜାଣନ୍ତି କିପରି ?

ଦିନ ପରେ ଦିନ ଗଡ଼ି ଯାଉଥାଏ । ମୁଁ ଯେତେ ଯେତେ ପୁରୁଣା ହେଉଥାଏ, ସେ ସ୍ଥାନ ଓ ସେ କନ୍ୟା ସମ୍ବନ୍ଧେ ସେତେ ସେତେ କଥା ଜାଣି ପାରୁଥାଏ । ତାର ଥାଏ ତିନୋଟି ଖୋଳପା । ସେ ଗୁଡ଼ିକ ଯୋଉ ଘରେ ରହେ, ସେ ଘରର କବାଟ ସବୁବେଳେ ବନ୍ଦ ।

ଦିନେ ସେ ଗାଧୋଇ ଗଲାବେଳେ ମୁଁ ମୋ ଖଞ୍ଜ ଖାଞ୍ଜରେ ଦେଖିଲି—ଗୋଟିଏ ଘରେ ଅଛି ଖଣ୍ଡେ କୁକୁର ଖୋଳପା । ଆଉ ଗୋଟିଏ ଘରେ ଖଣ୍ଡେ ଠେକୁଆ ଖୋଳପା । କନ୍ୟା ନିଦମାଟି ଜାଣିଥାଏ । ରାତିହେଲେ ମୋତେ ଖାଇବା ପିଇବାକୁ ଦେଇ ଟିକିଏ ଭାରି ଆଳାପ ଲଗାଇ; ତାପରେ ମୋତେ ଜଡ ମାଟିରେ ଅଚେତ କରି ଚାଲିଯାଏ ବୁଲିବାକୁ । ମୋତେ କହୁଥାଏ — ଦେଖ ! ମୁଁ ଯେତେବେଳେ ନିଦରେ ଶୋଇଥିବି, ତୁମେ ସେତେବେଳେ ମୋତେ ଉଠାଇବ ନାହିଁ । ଉଠାଇଲେ ଆଉ ବଞ୍ଚିବ ନାହିଁ । ଏହି କଥାକୁ ମୋର ଖୁବ୍ ଭୟ ଥାଏ । ଚତୁରୀ କନ୍ୟା କଣ କରେ ଯେ, ଅନ୍ୟ ସମୟରେ ବୁଲିବାକୁ ଗଲେ ମାଙ୍କଡ଼ ଖୋଳପାଟିକୁ ପଲଙ୍କରେ ଶୁଆଇ ଦିଏ । କୁକୁର ଖୋଳପା

Digitized by srujan ka@gmail.com

ହେଲ ନ ଠେକୁଆ ଖୋଳପା ହେଇ, ଯୋଉଥିରେ ପାଣି ସେଥିରେ ପଶି ରହିଲ ଯାଏ ବୁଲିବାକୁ । ଦିନ ଦିନ ଧରି ମାଙ୍କଡ଼ ଖୋଳପା ଶୋଇ ରହେ ।

ମନରେ ଭୟ ଥିବାରୁ ମୁଁ ବି ତାକୁ ଉଠାଇ ଦେଖିବାକୁ ସାହସ କଲେ ନାହିଁ । ସତରେ ସେ କଣ ଦୁଃଖ ମନରେ ସେ କଥା ମୁଁ ଆଦୌ ଜାଣି ପାରେ ନାହିଁ । ତାଲଣ୍ଡ ଉଦମାଟି ଦେଇ ଛୁସ ମୋତେ ଅଚେତନ କଣ୍ଠ ଦଏ ।

ବହୁତ ଦିନ କଟି ଗଲା । ତାର ପ୍ରେମ ପ୍ରୀତିରେ ବୁଡ଼ି ରହି ମୁଁ ବେଶ ଦୁନିଆକୁ ପାଶୋରି ଦେଲି । ଦିନେ ବନର ପୂର୍ବକଥା ମନେ ପଡ଼ିଲେ ଭାରି କଷ୍ଟ ଲାଗେ । ସମୁଦ୍ରକୂଳ ବନ୍ଦୀ ଜୀବନ ଧରି ରହିଲି ପରି ରହିଥାଏ । ବାହାରେ ବୁଲିବାକୁ ମୋତେ, ମୋଟେ ସ୍ୱାଧୀନତା ଦିଏ ନାହିଁ ସେ କନ୍ୟା । ସବୁବେଳେ କହେ ଘରେ ରହିବାକୁ ।

ଦିନକର ଘଟଣା । ମାଙ୍କଡ଼ ଖୋଳପାଟା ପଲଙ୍କରେ ଶୋଇ ରହିଲା ସକାଳ ଠାରୁ ସେ ସନ୍ଧ୍ୟାବେଳ ଯାଏ । ମୁଁ ଖାଇବାକୁ ନ ପାଇ ଭୋକରେ ରହିଗଲି । ତନ୍ଦ୍ରା ଅଳସ ଆସି ଆଖିରେ ଜମାଟ ବାନ୍ଧିଲା । ଗଲି ଶୋଇବାକୁ । ସେତେବେଳକୁ ରାତି ଆସି ଅଢ଼େଇ ପ୍ରହର ହୋଇଥାଏ । ଖଣ୍ଡେ ମଳି ମଳି ଖଟିଆ ଉପରେ ଶୋଇ ନିଦ ନ ଆସିଲେ କଣ ହେବ, ଆଖି ବୁଜି ପଡ଼ି ଥାଏ ।

ଯୋଡ଼ିଏ ମୂଷା କଡ଼ କାଠ ଉପରେ ବସି କଥାବାର୍ତ୍ତା ହେଉ ଥିଲେ । ପ୍ରଥମ ମୂଷାଟି କହିଲା—ଦେଖୁନ ନାଁ ମହାଶୟ ହୋଉ ? ଏ ମଣିଷଟିକ ବାନର ଅମ୍ବର ଫାନ୍ଦରେ ପଡ଼ାଇ କେମିତି ଲୀଳା ଲଗେଇଛୁ ?

ଆଉ ମୂଷାଟି କହିଲା—ହଁ ଗୋ ମହାଶୟ ବାପା ! ତାର ଯୋଉ ମାୟା; ତାକୁ କ'ଣ ଲଏ ଜାଣି ପାରିବ ? ଦିନକୁ ଖଣ୍ଡ ବେଶ ଧରିବ

Digitized by srujan ka@gmail.com

ଯିବ ତିନି ବନ୍ଧୁଙ୍କ ପାଖକୁ । ତାହାର କଥା ବି ତାକୁ ଜଣାଇ ଦେବ ନାହିଁ ପର୍‌ ।

ପଗ୍ନୁଲ—କଣ ?

କନ୍ଥଳ—ଗୋଟିଏ ମାଙ୍କଡ଼, ଗୋଟିଏ କୁକୁର ଓ ଆଉ ଗୋଟିଏ ଠେକୁଆ ଖୋଳ ରଖିଛୁ ସେ । ଏ ମଣିଷଟିକ ଛନ୍ଧା ଦେଇଛୁ ମାଙ୍କଡ଼ ଖୋଳରେ । ସ୍ତ୍ରୀ ଛଡ଼ା ତାର ଆଉ ଯୋଡ଼ିଏ ଗନ୍ଧର୍ବ ବନ୍ଧୁ ଅଛନ୍ତି । ତାଙ୍କ ଭିତରୁ ଜଣକୁ ଛନ୍ଧା ଦେଉଛୁ କୁକୁର ଖୋଳରେ, ଆଉ ଜଣକୁ ଠେକୁଆ ଖୋଳରେ ।

ପଗ୍ନୁଲ—ଏବ୍ଧ୍ୟଷଣି ସେ କୁଆଡ଼େ ଯାଇଛୁ ?

କନ୍ଥଳ—ଯାଇଛୁ ଗନ୍ଧର୍ବ ବନ୍ଧୁଟି ପାଖକୁ । ଦୁହିଁଙ୍କ ଭିତରେ ଲାଗିଛି ଖୁବ୍ ଝଗଡ଼ା । ସେ କହୁଛୁ ମଣିଷ ବନ୍ଧୁଟାକୁ ମାରି ଦେବାପାଇଁ । ବାନରୀ ଅପ୍‌ସରା କହୁଛୁ ମାରିବ ନାହିଁ । ବରଂ ତାକୁ ରଖିଥିବ ଆପଣା ବଶରେ ।

ପଗ୍ନୁଲ—ଆଉ ବନ୍ଧୁଟି ?

କନ୍ଥଳ—ତାର କିଛି ଆପତ୍ତି ନାହିଁ । ସେ କହେ ସ୍ୱମତେ ଥାଆନ୍ତୁ । ଆମ ଘଣ୍ଟାକ ଆମେ ଭୋଗକଲେ ନାଠ ଗଲା । ପର ଘଣ୍ଟାକ କଥା ନେଇ କଳଗୋଳ କାହିଁକି ?

ପଗ୍ନୁଲ—ସ୍ୱଳରେ ଲଦମାଟି ଦେଇ ଯାଏ କୁଆଡ଼େ ?

କନ୍ଥଳ—ମେରୁ ମେଖଳରେ ଅଛନ୍ତି ଗୋଟିଏ କାଳୀ ଠାକୁରାଣୀ । ତାଙ୍କ ପାଖରେ ଆଜକୁ ଦଶବର୍ଷ ହେଲା ସେ ଅନୁସରଣ କରୁଛୁ ଗୋଟିଏ ମନମୁତାବକ ବର ପାଇବାକୁ । ଦେବୀ କହିଛନ୍ତି ବାର ବର୍ଷ ପୂରିବ ଯୋଉଦିନ ସେଇଦିନ ସେବେ ନରବଳଟିଏ ଯୋଗାଡ଼ କରି ଦେଇ ପାରିବ ତେବେ ବରଟିଏ ପାଇବ ମନ ମୁତାବକ ।

ପଗ୍ନୁଲ—କାହାକୁ ?

Digitized by srujan ka@gmail.com

କହ୍ଲନ—ଇନ୍ଦ୍ରା-ଦେବରାଜ ଇନ୍ଦ୍ରଙ୍କ ପାଖରେ ।

ପଦ୍ମରନ—ନରକନ୍ଧ ହେବ କଏ ?

ସେଇଥି ପାଇଁ ତ ଏକ୍ଷ ଲୋକଟିକ ପଠାଇ ରଖିଛୁ ।

ପଦ୍ମରନ—ଲୋକଟିର ଆଉ କଣ ମୁକ୍ତିର ବାଟ ନାହିଁ ?

କହ୍ଲନ—ନାହିଁ କାହିଁକ ? ନିଶ୍ଚୟ ଅଛି । ଅନ୍ଧ ସାଇ ବାନରୀ ତା ହାତ ପେଡ଼ିରେ ରଖିଛି ଯୋଡ଼ିଏ ସୁନା କବାଟ । ସେଇ ଡିବାଟ ଭିତରେ ଅଛି ମୁକ୍ତି ସିନ୍ଦୂର ଗୁଡ଼ିଏ ଗୋଳା ଗୋଳ ହୋଇ । ଯେବେ କୌଣସି ମତେ ସେଥିରୁ ଟିକଏ ଲୋକଟିର ହସ୍ତଗତ ହୁଅନ୍ତା ଏବଂ ସେ ନିଜ ସେଥିରୁ ଯୋଟିଏ ବିନ୍ଦୁ ମୁଣ୍ଡରେ ଲଗାନ୍ତା, ତେବେ ନିଜମାଟି, ମୋହନ କି ସ୍ତମ୍ଭନ ଇତ୍ୟାଦ କୌଣସି ମନ୍ତ୍ର କାହାକୁ କରନ୍ତା ନାହିଁ ତାକୁ । ଏ ସବୁ ଖଣ୍ଡି କରେ ଯେତେ ନାଟ ରହସ୍ୟ ଲାଗିଛି ସବୁଯାକ ଧରା ପଡ଼ି ଥାଆନ୍ତା ।

ପଦ୍ମରନ—ମାଙ୍କଡ଼ ଖୋଳପାଟିକ ଯେବେ ଏ ଲୋକଟି ପୋଡ଼ି ଦିଅନ୍ତା ?

କହ୍ଲନ—ମଙ୍ଗା ତ ଅଛି ସେଇଠି । ଆଗ ସିନ୍ଦୂର କବାଟଟି ହାତ ପଇଠ କର ଏ ସବୁର ନାଟ ତାମସା ଯାକ ଜାଣି ସାରିଲା ପରେ ଜନୋଟି ଯାକ ଖୋଳପା ପୋଡ଼ି ଦେଲେ ସବୁକଥା ମାକ ବାହାରି ପଡ଼ିବ । ଏହିପରି ଆହୁରି ଅନେକ କଥା ପକାଇ ମୁଷା ଯୋଡ଼ିକ ଗ୍ଲଲଗଲା ପରେ ମୁଁ ଉଠିଲି । ମନ ଭିତରେ ଉତ୍ତେଜନା ଲାଗି ରହିଥାଏ । ତୈଣୁ ଆଗେ ଯାଇ ତା ହାତପେଡ଼ିରୁ ସିନ୍ଦୂର ପୁଳାଏ ଘେନ ଆସିଲି । ମନ ହେଉଥିଲା—ମାଙ୍କଡ଼ ଖୋଳପା ଖଣ୍ଡିକ ପୋଡ଼ି ଦେବାକୁ । ମାତ୍ର ବଡ଼ କଷ୍ଟ ବାଧା ଦେଇ ମନାକଲି । ସନ୍ଧ୍ୟାବେଳକୁ ତେଇଁ ଉଠିଲା ମାଙ୍କଡ଼ ଖୋଳପା । କେତେ ଗୁଡ଼ିଏ ଶୋଇ ପଡ଼ିଲି ବୋଲି ଭାରି ବ୍ୟସ୍ତ ହେଲା । ମୋ ପାଇଁ ଖାଦ୍ୟ ପାମାସୁ ପ୍ରସ୍ତୁତ କରି ଦେଲା ଖାଇବାକୁ । କିଛି ସମୟ ବସି ଦୁହେଁ ଆଳାପ

ଲଗାଇଲୁ । ଦେଖିଲି ତା ପିଠିସାକ ମାଡ଼ର ଚିହ୍ନ—ଖାଲି ଚୋକା ଫାଟି ଯାଇଛି । ଦୋଷ ଉପରେ ଚାବୁକ ପାହାର ଲାଗିଲେ ଯେମିତ ଦଶିବାର କଥା !

ପଚାରିଲି—ପ୍ରେମ୍ କଣ ହୋଇଛି ତୁମର ?

କଥାରେ ଭୁଲିଲି ବେଳ ଗୋଟାଏ । ତାପରେ ମୁଁ ଶୋଇବାକୁ ଗଲି । ସେ ବି ନିଜସାଣି ଖବାଇଲା । ମୁଁ ସିନ୍ଦୁର ଟୋପା ମୁଣ୍ଡରେ ଲଗାଇଥାଏ । ତେଣୁ ଆଖିକୁ ମୋଟେ ନିଦ ଆସିଲା ନାହିଁ । ମିଛୁ ମିଛୁ ଚୋଖ ଆଖି ଧୁଙ୍ଗୁଡ଼ି ମାରୁଥାଏ । ସବୁ ଖୋଳପାକ ଘରେ ରଖି ଅଦ୍ଧର୍ମ ମୂଳର ବେଶରେ ନିଜକୁ ଘଟେଇଲା ସେ । କେଚ ସମୟ ପରେ ଆସିଲା ଖଣ୍ଡିଏ ଉଦ୍ୟାନ । ସେଥିରେ ଦୁଇଟି ଗନ୍ଧର୍ବ ଯୁବକ ବସି ବୀଣା ବଜାଉ ଥାନ୍ତି । ଅପସରା—ବାଜଣା ଯାଇ ତାଙ୍କ ମଝିରେ ବସି ଗୀତ ଗାଇଲା । ତାଙ୍କ ଗାଲରେ ପରେ ଆଙ୍କି ଦେଲେ ଖାଲି ଚୁମ୍ବନ ଉପରେ ଚୁମ୍ବନ । ସହଜ ପାଇଁ ବହୁତ କଣ୍ଠି ଚଙ୍ଗ ରହସ୍ୟ ଲାଗିଲା । ତାପରେ ଚଉଦୋଳ ସହିତେ ସମସ୍ତେ ଉଡ଼ିଗଲେ ଚୋଖ ଦୂର ଦୁଶାନ୍ତକୁ ।

ମନରା ମୋର ଟଳମଳ ହୋଇ ଉଠିଲା । ଆଉ ଧୈର୍ଯ୍ୟଧରି ରହି ପାରିଲି ନାହିଁ । ଚଞ୍ଚଳ ବିଛଣାରୁ ଉଠି ଖୋଳ ପକାଇଲି ଖୋଳପା ସାକ । ଭାଗ୍ୟକୁ ଗୋଟିଏ ସାକ ମିଳିଗଲା । ବିଳମ୍ବ କରିବା ମୋଟେ ଉଚିତ ନୁହେଁ ଭାବି ସବୁସାକ ନିଆଁ ଲଗାଇ ପୋଡ଼ି ପକାଇଲି ।

ବର୍ଣ୍ଣନ ପାଏ ପୁଲୁଟିଆ ଗନ୍ଧରେ ନାକ ଫାଟିଗଲା । ତାପରେ ସବୁ ଶାନ୍ତ । ସମ ଚଢ଼ି ଆସୁଥାଏ ନାକବଣ୍ଡା ପର୍ଯ୍ୟନ୍ତ । ମନ କହୁଥାଏ ମାରିବ ନ ମାରିବ । ମାର ଶକ୍ତି ନାହିଁ ? କୁହୁକମା ଅପସରା ସଙ୍ଗେ ବିବାଦ କରି ଜିଣିବା କଣ ସହଜ କଥା ।

ନଈରେ ଘର କରି କୁମ୍ଭୀର ସଙ୍ଗେ ବାଦ ପକାଇଲେ ମରିବା ଛଡ଼ା ଅନ୍ୟ ଉପାୟ ନାହିଁ । ଏଇ କଥା ମନ ମଧ୍ୟରେ ଭାବି

Digitized by srujan ka@gmail.com

ସେଠା ଉପରେ ଟଙ୍ଗା ଥାଏ । ଏତେ ପାହିବାକୁ ଦଣ୍ଡେ ଅଛି । ଅସେସର ବାମନ ଯେଉଁଠି ଅସି ଯେତେ ଖୋଜିଲେ । ନ ପାଇବାରୁ ଘର ବାଂଗ୍ର ହୋଇ କହିଲେ—ଓ ହୋ!, ଓ ହୋ, ମରିଗଲି, ମଲିଗଲି, ଜଳି ଗଲି, ପୋଡ଼ି ଗଲି ।

ମୁଁ ନ ଜାଣିଲା ପରି ସେଠାରୁ ଜାଇ ପଚାରିଲି—କଣ ହେଲା ?

ମୋ କଥାରେ କାନ ନ ଦେଇ ସେ ଖାଲି ଲାଗିଲେ ଚିତ୍କାର କରିବାକୁ । ମୋତେ କହିଲେ—କସ୍ତୁରୀ, ଚନ୍ଦନ, ଲୁଣୀ ଆଣି ମୋତେ ଦେ । ଟିକିଏ ଥଣ୍ଡା ଲାଗିଲେ ସବୁକଥା କହିବି ।

କରେ କଣ ? ବାଧ୍ୟ ହେଲି ତା କଥା ମାନି ସେସବୁ ଆଣି ଦେବାକୁ । ଦେହରେ ତା'ର ଥଣ୍ଡା ଜିନିଷ ଗୁଡ଼ିଏ ବୋଳା ହୋଇ ହେବାରୁ ଟିକିଏ ଶାନ୍ତ ପାଇ ବସିଲା ଏବଂ ରକ୍ତ ଭଳିଆ ଆଖି କରି ମୋତେ ପଚାରିଲେ— ଭଲ କଣା ଥିଲେ ସତ ସତ କଥା ମାନ ଯାଅ । ତା ନ ହେଲେ ମୁଁ କଣ କାହିଁ କଣ କରି ଦେବି ।

ପଚାରିଲି—କି କଥା ।

ସେ କହିଲେ—ମୋ ଖୋଳପା ସବୁ କଣ କଲୁ ? ମୁଁ କହିଲି—କି ଖୋଳପା ?

ଏଇ ପରକ ତୁଣି ଗର୍ଜି ଉଠିଲା ସେ । ଗୋଟାଏ ପେଟେରରୁ ସୁନାର କାହାଳୀ ଖଣ୍ଡେ କାଢ଼ି ଜୋରରେ ଫୁଙ୍କି ଦେଲା । ଦେଖୁ ଦେଖୁ ଗୁରୁଟା ଅସୁର ଆସି ମୋତେ ବାନ୍ଧି ପକାଇଲେ ଓ ଶୂନ୍ୟେ ଶୂନ୍ୟେ ନେଇ ନେଇ ଉଡ଼ିଗଲେ ମେରୁ ପର୍ବତକୁ । ପଚେ ପଚେ ପଡ଼ିଗଲା ଅପ୍ସରା ଝିଅ । ହାତରେ ତାର ଚକ୍ ଚକ୍ କରୁଥାଏ ପାଞ୍ଚ ହାତ ଲମ୍ବର ଗୋଟାଏ ଖଣ୍ଡା ।

ସେତେବେଳକୁ ଜ୍ଞାନ ସଜ୍ଞା ନ ଥାଏ । ତେଣୁ ମୋତେ ଟେଳା ହୋଡା ଭଳିଆ ବାନ୍ଧି ପକାଇଲେ ଗୋଟାଏ ଖୁଣ୍ଟରେ । ନାଲିଆ ନାଲିଆ ଫୁଲରେ ମାଳ ଗୁନ୍ଥା ହୋଇଥିଲା । ସେଥିରୁ ମାଳେ ମୋ

Digitized by srujan ka@gmail.com

ବେଳରେ ଲମ୍ବାଇ ଦେଇ ସନ୍ଧ୍ୟା ବେଳକୁ ସେଇଁଠିକି ନେଇଗଲେ, ସେ ସ୍ଥାନଟା ହେଉଛି କାଳୀ ଠାକୁରାଣୀଙ୍କ ବଡ଼ ପୂଜୀ । ସନ୍ଧାଣାରୁ ମୁଁ ସବୁ କଥା ଜାଣି ପାରିଲି । ଜୀବନ ପ୍ରତି ଆଉ ଆଶା ରହିଲା ନାହିଁ । ଭାବିଲି ନିଶ୍ଚେ ମରିବାକୁ ହେବ । ତେଣୁ ସେ ଅପ୍‌ସରୀ ଝିଅକୁ କହିଲି—ଏଇଥିପାଇଁ କପଟ ସ୍ନେହରେ ମୋତେ ଭୁଲାଇ ରଖିଥିଲ ପରା ?

ସେ କିଛି ଉତ୍ତର ନ ଦେଇ କେବଳ ମୋଟାଏ କଟାକ୍ଷ ପକାଇଲା ମୋ ଉପରେ । ମୁଁ ଦେଖିଲି ମୋର ମୁକ୍ତିର ଆଉ ବାଟ ନାହିଁ । ଯେ କୌଣସି ମତେ ମରିବାକୁ ପଡ଼ିବ । ମନେ ଉଠୁଛି କଥା ନ ଥିବ । କେବଳ କଷ୍ଟ ହେଲା ଏଇ ଯେ, ଗୋଟିଏ ନାରୀ ଚକ୍ରାନ୍ତରେ ଦେଶ ଦଶ ଗୁରୁ ଆଉ ପୋଟିଏ ଚକ୍ରାନ୍ତରେ ପ୍ରାଣ ଦେବାକୁ ହେବ । ମନ କହିଲା ଧନ୍ୟ ନାରୀ । ଧନ୍ୟ ତୁମେ ମାୟାବିନୀ । କୁହକିନୀ । ଲୁଣ୍ଠିତା, ବ୍ୟଭିଚାରିଣୀ । ତୁମେମାନେ ଜଗତରେ କି ଭାଣ୍ଡିବ ମିଷ୍ଟି ନ କରି ପାର ? ମୁଖରେ ମଧୁର ଓ ଅନ୍ତରରେ ହଳାହଳ ସାଇତିବା କଥା ତୁମମାନଙ୍କୁ ବେଶ୍ ଆସେ । ଏମିତି ଅନେକ କଥା ଭାବି କାନ୍ଦି ଉଠିଲି କହିଁ କହିଁ ହୋଇ । ମୋତେ ସେତେବେଳକୁ ସେ ଅଦ୍ଭୁତ ଜାତିଆ ଲୋକ ମାନେ ନେଇ ହାଡ଼-କାଠରେ ପକାଇ ଦେଇଥାନ୍ତି । ବାକି ଥାଏ ଖାଲି ବେଳରେ ଖଣ୍ଡା ପଡ଼ିବାକୁ । ଅପସରା ଝିଅ କାଳୀ ମୂର୍ତ୍ତି ଆଗରେ ଆଣୁ ମାଡ଼ି ବସି ସ୍ତୋତ୍ର ପଢ଼ୁଥାଏ । ଝୁଣା ଗୋଳୁଳ ଧୂପ ଦେଇ କହୁଥାଏ ମୋର ମନକାମନା ପୂର୍ଣ୍ଣ କର ମା ।

ହଠାତ୍ ଦୂରରୁ ଶୁଣାଗଲା କଠୋର ଶବ୍ଦ । ଦେଖୁ ଦେଖୁ ଜଣେ ତପୋନିଷ୍ଠ ବ୍ୟକ୍ତି ଆସି ପହଞ୍ଚି ଗଲେ । ଦେହ ଓ ମୁହଁରେ ତାଙ୍କର ଅପୂର୍ବ ଦୀପ୍ତି । ମନରେ ଆକାଶ ପରି ଶାନ୍ତଶିଷ୍ଟ ଭାବ । ହୃଦୟଟା ସାଗର ପରି ପ୍ରଶସ୍ତ ଓ ଗଭୀର । ସେ ପହଞ୍ଚିବା ମାତ୍ରେ ପଚାରିଲେ ଏଠି କଣ ହେଉଛି ।

Digitized by srujan ka@gmail.com

ଅପସରା ରୂପ କହିଲା—ଦେବୀଙ୍କର ଇଚ୍ଛା ନରବଳି ଖାଇବାକୁ ।

କ୍ରୋଧରେ ଜଳି ଉଠିଲେ ତପସ୍ୱୀ । କହିଲେ—ରାକ୍ଷସୀ ! ତୁମେ କେଉଁ ଦେଶରୁ ଏଠାକୁ ଆସିଛ ? ଶାନ୍ତ ଓ ନ୍ୟାୟ ଧର୍ମ ପୀଠରେ ଏଭଳି ହିଂସାକାଣ୍ଡ କରିବା ପାଇଁ ତୁମକୁ ଅନୁମତି ଦେଲା କିଏ ? ଯାଅ, ମୁଁ ଅଭିଶାପ ଦେବା ପୂର୍ବରୁ ଶୀଘ୍ର ପଳାଇ ଯାଅ ନିଜ ସ୍ଥାନକୁ ।

ସତକୁ ସତ ସେ ବାକ୍ୟବାଣ ସେମାନେ ସମ୍ଭାଳି ପାରିଲେ ନାହିଁ । ଗୋଟିଏ ଗୋଟିଏ ପାନ୍ଧୁଡ଼ା ତୁଳା ଭଳି ଉଡ଼ିଗଲେ ଦୂର ଦୂରାନ୍ତକୁ । ତାପରେ ସେ ମହାତ୍ମା ମୋତେ ଅର୍ଗଳ ଭିତରୁ ମୁକ୍ତ କରି ଆଣିଲେ ଓ ଘଟଣାଟା ଜାଣି ବୋଲି ପଚାରିଲେ ଅତି ମଧୁର ସ୍ୱରରେ ।

ଧାଡ଼ ଧାଡ଼ ତାଙ୍କ ଆଗରେ ସବୁ କଥା କହିଗଲି । ଶୁଣିଶୁଣି ଘୋର ଦୁଃଖ କଲେ ସେ । କହିଲେ—ସବୁ କଥା ଛାଡ଼ିଦିଅ ବାବା । ମୋ କଥା ମାନ ଆଜିଠୁ ନିୟମ କର, ବିଶ୍ୱାସଘାତକୀ ନାରୀମାନଙ୍କୁ କେବେହେଲେ ପତ୍ୟାଣ୍ଟ ନିବନାହିଁ । ସେମାନେ ମାୟାବିନୀ ।

ମୁଁ କହିଲି—ଆପଣଙ୍କ ଆଜ୍ଞା ମୋର ଶିରୋଧାର୍ଯ୍ୟ ।

ଆଶୀର୍ବାଦ କଲେ ମହାତ୍ମା । ମୋତେ ସଙ୍ଗରେ ନେଇ ଗଲେ ଆଶ୍ରମକୁ । ଖାଇବାକୁ ଦେଲେ ଦିବ୍ୟ ପ୍ରସାଦ । ଧର୍ମ କଥା ଶୁଣାଇଲେ ଓ ମନ୍ତ୍ରବଳରେ ଆଣି ପହଞ୍ଚାଇ ଦେଇଗଲେ ଏଇଠି ।

ସେହିଦିନଠୁଁ ମୁଁ ଏଠି ପବିତ୍ର ଆଶ୍ରମ କରି ରହିଲି । ଏଠାରେ ଯୋଉ ଲୋକମାନେ ଘର ଦ୍ୱାର କରି ରହିଥିଲେ, ସେମାନଙ୍କୁ କହି ବୋଲି, ବୁଝାଇ ସୁଝାଇ ଅନ୍ୟ ସ୍ଥାନରେ ଘରଦ୍ୱାର କରାଇ ଦେଲି । ନାରୀମାନେ ମୋର ପରମ ଶତ୍ରୁ । ସେମାନଙ୍କ ନାଁ ଶୁଣିଲେ ମୋ ପ୍ରାଣରେ ଆଘାତ ଲାଗେ । ପ୍ରତିଜ୍ଞା କରିଛି—

Digitized by srujan ka@gmail.com

ବିଶ୍ୱାସ ଘାତକ   ରମଣୀ ବଚନ
କେବେ ହେଲେ ନ ଶୁଣିବ
ତାର ନାମ ତାର   ସୁଗୁଣ ଦୁର୍ଗୁଣ
କେବେ ମୁଖେ ନ ଆଣିବ ।
ରମଣୀ ଅଟଇ   ମହାକାଳ ଫଳ
ଉପର ଅଶେଷ ଲକ୍ଷଣ
ଭିତରେ ଅଙ୍ଗାର   ଅନ୍ୟାୟର ଖଣି
ଅଟେ ଅତି ଅଲକ୍ଷଣ ।
ଯେତେ ଧନ ଅଛୁ   ଚତୁର୍ବେଦ ଧନ
କେବଳ ଶ୍ରୀହରି ନାମ
ଭଜ କଟାଇବ   ନିଃସଙ୍ଗ ଜୀବନ
ନାରୀ ନୁହେଁ ମୋର କାମ୍ୟ ।

ସାରୀ କହିଲା—ପୁରୁରୁରେ ହୁରୁରୁରୁ—ଏଇ ଗୋଟାଏ କଥାଟିର କଥା । ଏଇଥି ପାଇଁ ଏତେ ନଖ ମୋଡ଼ା ? ପୁରୁଷମାନଙ୍କ କଥା କହିଲେ ଝଅଁ ଦେବତା ଗନ୍ଧର୍ବ ଗୁଣ୍ଡ ପଳାଇ ଯିବେ ପଛକେ ଶୁଣିବାକୁ ମୋଟେ ମନ କରିବେ ନାହିଁ । ପୁରୁଷମାନଙ୍କ ପରି ଜାଲିଆ ଏ ବ୍ରହ୍ମାଣ୍ଡରେ ଆଉ କିଏ ଅଛି ମ ?

ଶୁଆ କହିଲା——ଖବରଦାର୍ ସାରୀ ! ଏନା ବୋଷରେ ପୁରୁଷମାନଙ୍କୁ ଗାଳି ମନ୍ଦ କରି ଅପମାନ ଦେ ନାଁ, ଫଳ କିଛି ଭଲ ହେବ ନାହିଁ । ଆରେ, ବୁଝିଲୁ କି ନାଁ, ପୃଥିବୀର ସମ୍ମାନ ରଖିଛି ଏକମାତ୍ର ପୁରୁଷ । ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳକ-ବିଷ୍ଣୁ , ଅନ୍ତକ ଶିବ । ଏମାନେ ବି ପୁରୁଷ । ପୁରୁଷ ନ ଥିଲେ ପୃଥିବୀ ଥାଆନ୍ତା କୋଉଠି ?

ସାରୀ କହିଲା—ବୁଝିଲୁ ନାଁ ଶୁଆ ! ତୋ ଭଳିଆ ଗୋଟିଏ ବୋକାକୁ ମୁଁ କି କଥା ବୁଝାଇବି ? ତଥାପି କଥା ଉପରକୁ ଜବାବଟା ନ ଦେଲେ ହେବ କେମିତି ?

Digitized by srujan ka@gmail.com

ଶୁଆ କହନ୍ତି—ବଢ଼ିଆ କଥା, ଯାହା ପଚାର ଦେବାର ଉତ୍ତର ଚଞ୍ଚଳ ଦେଇ ପକା । ଉତ୍ତର କହନ୍ତୁ ଧାର୍ମିକ ?

ସାରୀ କହନ୍ତି—

ଉତ୍ତୁଙ୍ଗ ମୁକୁଟ ପର୍ବତ ପୃଷ୍ଠ
ଉପରୁ ପାଚିଛି କୋଳି ଓ କୁଆ ।
ଅଇଁଠ, ନାରଙ୍ଗ, ଗୋଲାପ, ଜାମୁ
ବେଲା ବେଲା ତୋଳି ଆଣିଛି ମାମୁଁ ସେ
ମାଇଁର ମଙ୍ଗଳ ଦାର
ସେତେବେଳେ ଅଟକାଳି କେତେ ହାଣ୍ଡିଏ
କଏ ସେ ଖାଇବ ତାର ?
ଟୁଆଁ ଡାକେ ଟୁଇଁ ଧୀରେ ଆସିବୁ
ଖୁଉଁ ଖୁଉଁ କରି ଧୀରେ କାଶିବୁ ।
ପାଟେଶ୍ୱ ତେଇଁବା ସ୍ୱତ ଅଧରେ
ଅଟକାଳି ହାଣ୍ଡି ଯେବେ କାନ୍ଧରେ ସେ
ମାଣବେଦ ମୁହିଁ ଡ଼ଆଁ
ସେତେବେଳେ ଟୋକୋଇ ଧରି ଭୁ ଆସିବୁ
ନ ହୋଇ ଡକେ ଗୁନଆଁ ।
କାସ କରାଅଛୁ ଉଲେଇ ଉଷା
ବାଘୁଣୀ ହୋଇଛୁ ଚନ୍ଦ୍ରିକ ସ୍ୱୋଷା ।
ଭୁତକୁ କହୁଛୁ ନଡ଼ଆ ପାଇଁ
ସପ୍ତ ଭାଜ ବେଳ ସକଳ ଖାଇ ସେ
ଭଲୁଆ କାଟଇ ବାଣୀ
ଆରମ୍ଭ କଲି ମୁଁ ସାହାଡ଼ା ସୁନ୍ଦରୀ
ମଦନାନନ୍ଦ କାହାଣୀ ।

Digitized by srujan ka@gmail.com

ସାହାଡ଼ା ସୁନ୍ଦରୀ ଓ ଦେବାନନ୍ଦ କାହାଣୀ

ରାଇଜ ନାଁ ଧରମପୁର । ରାଜାଙ୍କ ନାଁ ମହାବଳ ସିଂହ । ମନ୍ତ୍ରୀ ଗୋବିନ୍ଦ ପାଟସାହାଣୀ । ସେନାପତି ଚକାଡ଼ଲ୍ ମହାପାତ୍ର । ରାଜ ପଣ୍ଡିତ କୋଳାହଳ ଗୋସାଇଁ । ସମସ୍ତେ ସମସ୍ତଙ୍କୁ ବଳ ଧରନ୍ତି । ମନ ମିଶାଇ ରାଜ୍ୟ ଶାସନ କରୁଥାନ୍ତି । ଅଶାନ୍ତି ଅସନ୍ତୋଷ ପଳାଇ ଯାଇଥାଏ ଦୂରକୁ । ଶତ୍ରୁମାନେ ମୁଣ୍ଡଟେକି ଠିଆ ହୋଇ ପାରନ୍ତି ନାହିଁ । ପ୍ରଜାମାନଙ୍କ ଧନଭଣ୍ଡାର ଓ ଜନ ଭଣ୍ଡାର ବଢ଼ୁଥାଏ । ଅଭାବ ଅଭିଯୋଗ ନ ଥାଏ କାହାର । ତେଣୁ ସମସ୍ତେ ମହାରାଜଙ୍କୁ ମାନୁଥାନ୍ତି ଠାକୁର ବୋଲି ।

ପାଟରାଣୀଙ୍କ ନାଁ ହୀରାବତୀ । ସର୍ବଗୁଣ ବିଭୂଷିତା ଲକ୍ଷ୍ମୀ ପ୍ରତିମା ସେ । ତାଙ୍କ ମିଠାକଥା, ଭଦ୍ର ବ୍ୟବହାର, ଦୟା କ୍ଷମାରେ ସମସ୍ତେ ସନ୍ତୋଷ ଥାଆନ୍ତି । ସୁନ୍ଦରୀ ପଣରେ ଖୁବ୍ । ଚତୁରୀ ପଣରେ ବି ଖୁବ୍ । ଗଛରେ କେତେଟା ଫଳ ଫଳିଛି ସେ ହିସାବ ବି ରଖି ପାରନ୍ତି । ତାଙ୍କ ଆଖି ଆଗରୁ କେହି ଗୋଟାଏ ଜିନିଷ ଲୁଚାଇ ନେଇ ଯାଇ ପାରିବ ନାହିଁ । ମାଗିକରି ନେଲେ ଖୁସିରେ ଦେବେ । ଚୋରାଇ ଲୁଚାଇ ନେବା କଥା ଜାଣିଲେ ଖପ୍ପା ହୁଅନ୍ତି ।

ସେହି ରାଣୀ । ବାହା ହୋଇ ଆସିବା ପାଞ୍ଚବର୍ଷରୁ ବେଶି ହୋଇଗଲା । ତଥାପି ପିଲାଛୁଆ ଖଣ୍ଡେ କୋଳରେ ଧରିବାକୁ ସମର୍ଥ ହୋଇ ପାରିଲେ ନାହିଁ । ଷଠି ଦୁସେଇଁଙ୍କର ବନ୍ଧ୍ୟା ହେଲା ।

ଯେତେ ଦିଅଁ ଦେବତାଙ୍କୁ ଡାକିଲେ କି ଓଷା, ବାଆ ବାରବ୍ରତ କଲେ ବି ଗଛ ଫଳିଲା ନାହିଁ । ଏଣୁ ମନ ଭିତରେ ଦୁଃଖ । କଣ କରିବେ, କେମିତି କୋଳକୁ ପିଲାଟିଏ ଆସିବ । ଏହି କଥା ଭାବି ଭାବି ସବୁବେଳେ କାନ୍ଦନ୍ତି । ଏକୁଟିଆ ବସି ରହନ୍ତି । ଖାଇବା ପିନ୍ଧିବାରେ ମନ ନ ଥାଏ । ଦାସୀମାନେ

Digitized by srujan ka@gmail.com

ବେଶ ସଜାଡ଼ି ଦେଇ ବେଣୀ ବାନ୍ଧି ଦେବାକୁ କହିଲେ ମନା କରନ୍ତି । ଗୋର ଗୋର ଦେହଟା କ୍ରମେ ମଳିନ ଆସୁଥାଏ । ଏଭଳି ଅବସ୍ଥା ଦେଖି ରଜା ଦିନେ ପଚାରିଲେ—କାହିଁକି ତୁମେ ମନରେ ଦୁଃଖ କରୁଛ ? ତୁମର କଣ ହୋଇଛି ମୋତେ କୁହ ।

ରାଣୀ କହିଲେ—କୋଳରେ ଗୋଟିଏ ପିଲା ନଥିବାରୁ ମନରେ ଦୁଃଖ । କଣ କରିବା ? ପ୍ରଭୁକଣ ଆମକୁ ପିଲାଟିଏ ଦେବେ ନାହିଁ ?

ରଜା କହିଲେ—ଭଗବାନ କଥା କଏ କହି ପାରିବ ? ତଥାପି ପ୍ରଭୁଙ୍କୁ ଜଣାଇବାକୁ ହେବ । ଗୋଟିଏ କଥା କର । ବଣ ମଝିରେ ଆମର ଲୋକ ଝାଡ଼େଶ୍ୱର ମନ୍ଦିର ଅଛି, ସମସ୍ତେ କହନ୍ତି ସେଥିରେ ଥିବା ମହାଦେବ ପ୍ରତ୍ୟକ୍ଷ ଦେବତା । ଚାଲ ଦୁହିଁଙ୍କି ଦୁହେଁ ତାଙ୍କର ପାଖରେ ଗୁହାରିଆ ପଡ଼ିବା । କୋଳକୁ ପିଲାଟିଏ ଆସିବା କଥା ଯଦି ହୁକୁମ ମିଳିବ ତେବେ ଆସିବା, ନ ହେଲେ ନାହିଁ ସିଆଡ଼େ ପ୍ରାଣ ହରାଇ ଦେବା ।

କଥାଟା ପାଟରାଣୀଙ୍କ ମନକୁ ପାଇଲା । ଭଲଦିନ ଓ ଭଲ ବେଳ ଦେଖି, ଖୁବ୍ ଆଡ଼ମ୍ବର ଭାବରେ ରଜାରାଣୀ ଗଲେ ଚାଲି ଗୁଳିକା । ସୁକର ବାଜର, ଘୋଡ଼ା ହାତୀ କ ଖାଦ୍ୟ ପଦାର୍ଥ କିଛି ନେଲେ ନାହିଁ । ବେଲପତି ଓ ପାଣି ଖାଇ ଏକୋଇଶ ଦିନ ଗୁହାରିଆ ପଡ଼ିଲେ । ଖୁବ୍ କଷ୍ଟ ହେଲା । ତଥାପି ମହାଦେବଙ୍କର ଦୟା ହେଲା ନାହିଁ ।

ପାର୍ବତୀ ମନେ ମନେ ବ୍ୟସ୍ତ ହେଉଥାନ୍ତି । ରଜାରାଣୀ ଘୋଡ଼ିକ ଖେଳ ଉପାସ ଖଟ କରିବା ସହ୍ୟ ଏକୋଇଶ ଦିନ ବିତାଇ ଦେଲେଣି । ତେବେ ବି ଶିବଙ୍କ ତାଙ୍କ କଥା ବୁଝୁ ନାହାନ୍ତି । ସେଦିନ ସେ ଯାଇ ସ୍ୱାମୀଙ୍କୁ କହିଲେ—ଆପଣ ଭଙ୍ଗଡ଼ି ଲୋକ ତ ତୁମେ ! ରାଜ୍ୟର ରଜାରାଣୀ ଜଣେ ଗୋଟାଏ ବର ନେବାକୁ ଗୁହାରି

Digitized by srujan ka@gmail.com

ପଡ଼ିଛନ୍ତି ଏକୋଇଶ ଦିନ ହେଲା, ତେବେ ବି ତାଙ୍କ କଥା ବୁଝୁନାହଁ ?

ଶିବ ହସିଲେ । କହିଲେ—ବୁଝିଲ ଉମା । ତୁମ ମନ କାନ ଭଳିଆ ପଡ଼ିଲା କାନରେ ମୋର ନୁହେ । କହିବ କଣ ? ରାଜା ରାଣୀଙ୍କ ଭାଗ୍ୟରେ ପିଲା ନାହାନ୍ତି । ଦେବ କୁଆଡ଼ୁ ?

ପାର୍ବତୀ କହିଲେ—ତୁମେ ପରା ଅକର୍ମ ଦାତା ?

ଶିବ କହିଲ—ହେଲେ ବି ମାପକୁ ପାଇ ନାହିଁ । ଖୁବ୍ ହିସାବ କିତାବ କରି ଦେଖି ସାରିଲଣି । ପିଲାଟିଏ ହେଲେ ହେଇ ପାରିବ ପନ୍ଦର ବର୍ଷ ପାଇଁ ।

ପଚାରିଲେ—କେମିତି ?

କହିଲେ—କେମିତି ସେଇ ଭଳି ଚେଷ୍ଟା କଲେ ସେ ପୁଣି ଜନା କେତେ ବଞ୍ଚିବ । ନ ହେଲେ ନାହିଁ । ପାର୍ବତୀ ସେଇକଥା ଆସି ଶୁଣାଇ ଦେଲେ ରାଜା ରାଣୀଙ୍କ । ଏକ ପ୍ରକାର ଆନନ୍ଦ ଲାଗିଲା । ପନ୍ଦର ବର୍ଷ କିଛି କମ୍ ନୁହେଁ । ଏତେଦିନ ଯାଏ ସେ ଆଗେ ଗୋଟିଏ ପିଲାର ମା' ବାପ ହୋଇ ଛାତି ଫୁଲାଇ ବୁଲନ୍ତୁ । ପଛ କଥା ଗୁଡ଼ାକ ପଛେ ଦେଖାଯିବ । ଏଇ କଥା ମନରେ ଭାବି ଲେଉଟି ଗଲେ ଘରକୁ ।

ଯଥା ସମୟରେ ପୁଅଟିଏ ହେଲା । ନାଁ ଦେଲେ ମଦନାନନ୍ଦ । ଶଶୀକଳା ପରି ଦିନକୁ ଦିନ ବଢ଼ିଲା ସେ । ପାଠ ଶାଠରେ ଧୁରନ୍ଧର ହେଲା । ଯୁଦ୍ଧବିଦ୍ୟା ଶିଖିଲା । ରାଜାଙ୍କର ସିନା ପନ୍ଦର ବର୍ଷ କଥା ମନେ ନ ଥାଏ, ରାଣୀ ବରାବର ଦିନ ଗଣୁଥାନ୍ତି । କଥାରେ ଅଛି—

ଦଇବ ଦଉଡ଼ି ମଣିଷ ଗାଈ
ଯେଣିକି ଟାଣିବ ତେଣିକି ଯାଇ ।

Digitized by srujan ka@gmail.com

ବଇବ କଥାକୁ ତାଙ୍କର ବା ବଳ କଣ ? ପରମାୟୁ ପୂରିଲେ ଯମ ଆସି ଝୋଟାଡ଼ି ନେବ । ତା ହାତରୁ ଛଡ଼ାଇ ଆଣିବା କ୍ଷମତା ଅଛି କାହାର ? ଶାସ୍ତ୍ର ପୁରାଣରୁ ଜଣାଯାଏ—

ଯେତେ ବୀର ଛନ୍ତି   ଏ ବିଶ୍ୱ ଭଣାରେ
ସର୍ବେ ହୀନ ଯମଠାରୁ
ତା ଶସ୍ତ୍ରକୁ କେହି   କାଟି ନ ପାରିବେ
ନ ଖସିବେ ତା ମୂଠାରୁ ।
ମାଣିକ ବୋଲି ସେ   କହଇ ଯାହାକୁ
ତାକୁ ବ୍ରହ୍ମା ହରିହର
ମେଳ ହୋଇ କେବେ   ରକ୍ଷି ନ ପାରିବେ
ପେଷି ଲକ୍ଷ ଲକ୍ଷ ଶର ।

ଯମ କିଛି ସ୍ତ୍ରୈଣିଆ ବ୍ୟକ୍ତି ନୁହେଁ । ତାର କ୍ଷମତା ଅତି ଅସାଧାରଣ ପ୍ରକାରର । ସେ କଥାକୁ ରଜା ଖାତର ନ କଲେ କଣ ହେବ, ରାଣୀ ଠିକ୍ ବୁଝିଥାନ୍ତି । ତେଣୁ ବାଆକୁ ବଡ଼ା ବେଳ ଭଳ କରୁଥାନ୍ତି ଗୋଟିଏ କର୍ମ ।

ରାଜବାଟୀର ବାଡ଼ ପଛ ଦରଜା ପାଖରେ ଥାଏ ଗୋଟିଏ ସାହାଡ଼ା ଗଛ । ମଦନାନନ୍ଦ ଜନ୍ମ ହେବାର ବର୍ଷକ ପର ଠାରୁ ସେଇ ଗଛ ମୂଳେ ରାଣୀ ନିତି ଗୋଟିଏ ଘିଅ ଦୀପ ଦେଉଥାନ୍ତି । ପୂଜା ପାଠ କି ଭାବ ଭକ୍ତି କିଛି ନାହିଁ । କେବଳ ସେଇ ସଳିତାଟିଏ ।

ଗଛଟି ବହୁ କାଳର ପୁରୁଣା । ତାର କୋରଡ଼ରେ ଗୋଟିଏ ଝିଅ ରହେ । ସେ କଥା କେହି ଜାଣନ୍ତି ନାହିଁ । ସବୁଦିନେ ଝିଅଟିକୁ ହୋଇଥାଏ ବାରବର୍ଷ । ନାଁ ତାର ସାହାଡ଼ା-ସୁନ୍ଦରୀ । ଦେବ କନ୍ୟା କି ଗନ୍ଧର୍ବ କନ୍ୟା ସେ କଥା କେହି କହି ପାରିବେ ନାହିଁ । ନଜକଥା ତାର ସେଇ ନିଜେ ଜାଣେ । ରାଣୀ ପ୍ରତିଦିନ ସଞ୍ଜ ସଳିତାଟିଏ

Digitized by srujan ka@gmail.com

ହେଉଥିବା ଦେଖି, କନ୍ୟାଟି ମନରେ ଦୟା ଆସିଲା ଏବଂ ସେ ରାଣୀଙ୍କି ଦେଖା ଦେଇ ପଚାରିଲା—ତୁମେ ଏତେ କାହିଁକି ସାହାଡ଼ା ଗଛମୂଳେ ସଞ୍ଜବତୀ ହେଉଛ ମା ।

ରାଣୀ ଆମୂଳ ଚୂଳ ସବୁ କଥା କହିଗଲେ । ଆଖିରୁ ଧାର ଧାର ହୋଇ ଲୁହ ବୋହି ଯାଉଥାଏ । ତାଙ୍କର ଏଭଳି ଦୁଃଖ ଦୁରବସ୍ଥା ଦେଖି ସାହାଡ଼ା ସୁନ୍ଦରୀ ମନରେ ଦୟା ଆସିଲା । ତେଣୁ ସେ କହିଲା—ମା ! ତୁମେ କିଛି ଚିନ୍ତା କର ନାହିଁ । ମୁଁ ନିଶ୍ଚୟ କରି କହୁଛି ତୁମ୍ଭ ବିପଦରେ ନିଶ୍ଚୟ ସାହାଯ୍ୟ କରିବି ।

ପଚାରିଲେ—ମୋ ପୁଅକୁ ବଞ୍ଚାଇ ପାରିବୁ ।

କହିଲା—ମୋତେ ଯଦି ବୋହୂ କରି ଘରକୁ ନେବ, ତେବେ ନିଶ୍ଚୟ ବଞ୍ଚାଇ ପାରିବି ।

ଏ କଥା ଶୁଣି ରାଣୀଙ୍କ ମୁହଁରେ ହସ ଫୁଟିଲା । ସେ ଖୁସି ମନରେ ଗଲେ ଘରକୁ । ସାହାଡ଼ା ସୁନ୍ଦରୀ କଥା ରଜାଙ୍କ ଆଗରେ କହିଲେ । ରଜା ବି ଆନନ୍ଦରେ କହିଲେ—ମୁଁ ନିଶ୍ଚୟ ସାହାଡ଼ା ସୁନ୍ଦରୀକି ବୋହୂ କରି ଘରକୁ ଆଣିବି ।

ମକରାନନ୍ଦକୁ ତେର ବର୍ଷ ପୂରି ଚଉଦ ବର୍ଷ ହେଲାଣି । ଦୁନିଆର ଭଲ ମନ୍ଦ ସତ ମିଛ ସବୁ ଜାଣି ପାରିଲାଣି । ଦରବାର ପଡ଼ିଲେ ରାଜ୍ୟ ଖବର ଓ ପ୍ରଜାମାନଙ୍କ ଭଲ ମନ୍ଦ କଥା ବୁଝେ । ଖୁବ୍ ଚତୁର ଓ ଖୁବ୍ ବୁଦ୍ଧିମାନ ହୋଇଥାଏ । ସମସ୍ତେ ତାକୁ ଖାତିର କରୁଥାନ୍ତି । ଯାହା ମୁହଁରୁ ଗୁଣ ପ୍ରଶଂସା ଛଡ଼ା ନିନ୍ଦା ଶୁଣାଯାଉ ନ ଥାଏ ।

ପନ୍ଦର ବର୍ଷ ହେବାକୁ ଆଉ ଯୋଡ଼ିଏ ମାସ ମାତ୍ର ବାକିଥାଏ, ରଜା ରାଣୀ ଦୁହେଁ ଉତ୍ସବ କରି ସାହାଡ଼ା ସୁନ୍ଦରୀ ସଙ୍ଗେ ବାହା କରାଇ ଦେଲେ । ସାହାଡ଼ା ସୁନ୍ଦରୀ ବୋହୂ ହୋଇ ରଜାଘରକୁ ଆସିଲା । କହିଲା—ଶୁଭଦିନ ପରେ ମୁଁ ମୋ ସ୍ୱାମୀକି ନେଇ ଯିବି

Digitized by srujan ka@gmail.com

ବାରାଣସୀ ଧାମକୁ । ରଜା ରାଣୀ ତା କଥାରେ କିଛି ପ୍ରତିବାଦ କଲେ ନାହିଁ । କାରଣ, ବଇଟିର ପରମାୟୁ ପନ୍ଦର ବର୍ଷ ବୋଲି ବୋଧ୍ ଜାଣିଛୁ ଏବଂ କହୁଛି ବଞ୍ଚାଇ ଦେବ । ତେଣୁ ଯାହା କହୁଛି ସେ କଥା ମାନିବା ଉଚିତ ।

ସତକୁ ସତ ବୃନ୍ଦାବନ ପରେ କାଶୀ ଯିବା କଥା ହେଲା । ମଦନାନନ୍ଦ କହିଲା—ଏଭଳି ଚତୁର ଜଣ ବଇଁାର ପଢ଼ିଲ୍ ଯେ, କାଶୀ ଯିବାକୁ ହେବ ? ରାଣୀ ତାକୁ ସବୁ କଥା ବୁଝାଇ ଦେଲେ । ଶୁଣି ଶୁଣି ସେ କହିଲା—ବୋଧେ ତୋର ବାପୁଣୀଠାଏ । ଶାସ୍ତ୍ର କହୁଛି—

ମରଣ ଯାହାର ହୁଏ ଉପସ୍ଥିତ
ତାକୁ କେହି କରି ନ ପାରେ ସ୍ୱକତ ।
ଶକ୍ତିବାନ ନାହିଁ ଜଗତେ ଏପରି
କାଳ ହାତୁ ଛଡ଼ାଇବ ବଳେ ଧରି ।

ତା କଥା ତକ ଶୁଣିସାରି ସାହାଡ଼ା ସୁନ୍ଦରୀ କହିଲା—

ପତି ପ୍ରାଣା ସତୀ ଗୁଣବନ୍ତ ହୋଇ
କରେ ଯେବେ ଅଭିଯାନ
ତଳ ବାଟେ ତାର ସହାୟ ହୁଅନ୍ତି
ନିଜେ ପ୍ରଭୁ ଭଗବାନ ।
ଯାହା ପାଖେ ସତୀ ଅଳକରେ ଯାହା
ଦୁଃଖେ ସୁଖେ ହୁଏ ପ୍ରାପ୍ତି
ତେଣୁ ଚରାଚରେ ପ୍ରସରୁଛି ଏନେ
ସତୀର ଚରମ ବ୍ୟାପ୍ତି ।
ସାହସ ଅଛି ତା ଅନ୍ତରେ ନିଷ୍ଠୁର
ଅପଥକୁ କରି ପଥ
ରଖିବ ସ୍ୱାରତ ଯୁଗ ଯୁଗ ପାଇଁ
ପୂର୍ଣ୍ଣ କରି ମନୋରଥ ।

Digitized by srujan ka@gmail.com

ଆଜି କିଛୁ ପ୍ରତିବାଦ କଲ ନାହିଁ ମଦନାନନ୍ଦ । ସୁନା ପିଲଟି ପରି-ସାହାଡ଼ା ସୁନ୍ଦରୀ ସଙ୍ଗେ କାଶୀ ଯାଇ ବିଶ୍ୱନାଥଙ୍କ ମନ୍ଦିର ପାଖରେ ଗୋଟିଏ ଛମ୍ପୁଘର କରି ରହିଲେ ।

ମଣି କର୍ଣ୍ଣିକା ବୋଲି ଗୋଟିଏ ଘାଟ । ସେଠିକି ପ୍ରତିଦିନ ପାହାନ୍ତାରେ ଦେବଲୋକମାନେ ଆସନ୍ତି ଗାଧୋଇବାକୁ । ଜାଣି, ସାହାଡ଼ା ସୁନ୍ଦରୀ ବି ଯାଏ । ଆଗରୁ ଗାଧୋଇ ପାଧୋଇ ଘାଟ ପାଖରେ ବିଶ୍ୱନାଥଙ୍କ ପ୍ରତିମୂର୍ତ୍ତି ଚୋଳେ ବାଲରେ । ଫୁଲ ଚନ୍ଦନ ବେଲପତ୍ରୀ ସଜାଡ଼ି ରଖେ । ବତିଟିଏ ଜଳାଇ ଦେଇ ଘାଟ ଜଗିଥାଏ । ଦେବସ୍ତ୍ରୀମାନେ ଗାଧୋଇ ପାଣି ଉପରକୁ ଉଠିଲେ ସେମାନଙ୍କ ମୁଣ୍ଡରେ ଫୁଲ ଚନ୍ଦନ ଦେଇ ଭକ୍ତିରେ ନମସ୍କାର କରେ । ସେମାନେ କଲ୍ୟାଣ ଛଳରେ କହନ୍ତି—ଅକ୍ଷୟ ସୁଲକ୍ଷଣୀ ହୋଇ ପାଟଘ ବାଳରେ ସିନ୍ଦୂର ନାଆ ।

କେତେ ସ୍ତ୍ରୀ ଦେବୀ ମଧ୍ୟ ଏଇଆ କଲ୍ୟାଣ କରି ଯାଆନ୍ତି । ଶୁଣି ଶୁଣି ସାହାଡ଼ା ସୁନ୍ଦରୀ ମନେ ମନେ ଆନନ୍ଦ ହୁଏ । ମଦନାନନ୍ଦର ଆୟୁଷ ପୂରିବାକୁ ଆଉ ମାତ୍ର ସାତ ଦିନ ବାକି । ପିଇବାକୁ ମୋଟେ ମନ କଲା ନାହିଁ । ଜର ବି ଆସିଲା । ଦେହ ଟାଣିଲା ଖୁବ୍ ଯୋରରେ ।

ବଡ଼ ଅଡ଼ୁଆ ହେଲା ସାହାଡ଼ା ସୁନ୍ଦରୀକି । ଏଣେ ସ୍ୱାମୀକି ଜଗିବ କି ତେଣେ ଦେବତାମାନଙ୍କ ଠାରୁ କଲ୍ୟାଣ ଆଣିବାକୁ ଯିବ, କିଛି ଠିକ୍ କରି ପାରିଲା ନାହିଁ । ତେଣୁ ବିରକ୍ତ ହୋଇ କହିଲା—

ମୁଁ ଯେବେ ସତୀ ମୋହର ପତି
ଭପୁ ନ ରଖନ୍ତୁ ମରଣ ପ୍ରତି
ଏ ଜର ବାଇ ଦିନରେ ଥାଇ
ସତ ହେଲା ମାତେ ଦୂରେ ପଳାଇ ।

Digitized by srujan ka@gmail.com

ସତକୁ ସତ ସେଇଆ ହେଲା । ମଦନପାଳ ଜନସାସ ଜରରେ ପଡ଼େ । ଘର ହେଲେ ଭଲ ହୋଇଯାଏ । ସାହାଡ଼ା ସୁନ୍ଦରୀ ପୂର୍ବ ପରି ମଙ୍ଗଳ କଣ୍ଠିକା ଘାଟକୁ ଯାଏ ଓ କଲ୍ୟାଣ ଆଣେ । ସେ ଧନ ସେ ଫୁଲ ଚନ୍ଦନ ଦେଲା ପରେ ଯେଉଁମାନେ କଲ୍ୟାଣ କଲେ; ସେମାନଙ୍କୁ କହିଲା—ଦେବତା ହୋଇ ତୁମେ ମିଛ କହୁଛ ।

ଏ କଥା ଶୁଣି ସେମାନେ ଆବା କାବା ହୋଇ ପଚାରିଲେ—ଆମେ ମିଛ କହୁଛୁ ବୋଲି ତୁ କପରି ଜାଣିଲୁ ?

ସାହାଡ଼ା ସୁନ୍ଦରୀ କହେ—ଆଜ ଘୁରି ଦିନ ପରେ ମୋ ସ୍ୱାମୀ ମରିଯିବେ । ମୁଁ ପୁଣି ଅଦ୍ୟ ସୁଲକ୍ଷଣୀ ହୋଇ ରହିବି କେମିତି ?

କଥାଟା ଏତେବେଳକେ ସମସ୍ତଙ୍କ ମୁଣ୍ଡରେ ପଶିଲା । ତେଣୁ ଗୋଟିଏ ଘରା କରି ଦେବତାଙ୍କ କଲ୍ୟାଣ ଯାକ ଗୋଟିଏ ମୁଣିରେ ପୁରାଇଲେ । ତାକୁ ସାହାଡ଼ା ସୁନ୍ଦରୀକୁ ଦେଇ କହିଲେ—ଏ ଗୋଟିକ ନେଇ ଯା ଘରେ ଟାଙ୍ଗି ଦେଇଥା ।

ସାହାଡ଼ା ସୁନ୍ଦରୀ କଲ୍ୟାଣ ମୁଣି ନେଇ ଯାଇ ଘରେ ଟାଙ୍ଗି ଦେଲା । ନିଜେ ବସ୍ଥ ହୋଇ ବସିଲା ଦୁଆର ମୁହଁରେ । କାଳବେଳ ଦେଖି ଯମଦୂତମାନେ ଶୂନ୍ୟରୂପ ଧରି ଆସିଲେ । ତାଙ୍କ ଆସିବା କଥା ଜାଣି କଲ୍ୟାଣ ମୁଣି ଲାଗିଲା ଝଙ୍କାରି କହିବାକୁ—

ତେତିଶ କୋଟି ଦେବତାଙ୍କର କଲ୍ୟାଣ ମୁଣି ଡ଼ାକେ ।
ଯମ ଦେବତା ନ ଆସ ତୁମେ ମଦନାନନ୍ଦ ପାଖେ ।
ସତୀ ସାଧବୀ ମାଗିଛୁ ବର ବଞ୍ଚିବ ତାର ପତି ।
ଏ କଥା ଆନ କଲେ ଶମନ ହୋଇବ ନଷ୍ଟ କ୍ଷତ ।
ଦେବତାଙ୍କର ମର୍ଯ୍ୟାଦା ମିଛ ସ୍ୱର୍ଗର ନିନ୍ଦା ହେବ
ବିଶ୍ୱାସ କଲେ ବିଷ୍ଣୁଙ୍କ ପାଖେ ଯମ କୈଫିୟତ୍ ଦେବ ।

ଏ କଥା ଶୁଣି କାଳ ଫେରାଇ ଯାଇ କହିଲେ ଯମ ଆଗରେ । ଶୁଣି ସାଙ୍ଗେ ଯମ ବି କାବାକାଠ ବନିଗଲେ । ତା ପରେ ଯାଇ କହିଲେ ବିଷ୍ଣୁଙ୍କ ଆଗରେ । ବିଷ୍ଣୁ କହିଲେ—ଏ କେମିତି କଥା ?

Digitized by srujan ka@gmail.com

ଲକ୍ଷ୍ମୀ କହିଲେ—ତୁମେ ତ କପଟିଆଙ୍କ ଶିରୋମଣି । କଥାକୁ ଅକଥା ଓ ଅକଥାକୁ କଥା କରୁଛ । ଯାଅ ସାବଧାନ ! ସଞ୍ଜର ଯାହ ଅସମ୍ଭବ ହୁଏ, କେବେ ମୁଁ ସହି ପାରିବ ନାହିଁ । ନଷ୍ଟେ ଠିଆ ହେବ ତା ସମ୍ମୁଖରେ ।

ପଚାରିଲେ—କେବେ କଣ ଜନ୍ମିବ ?

ଲକ୍ଷ୍ମୀ କହିଲେ—ସାହାଡ଼ା ସୁନ୍ଦରୀର ସନ୍ତାନ ବାରବର୍ଷ ହୋଇଥାଉ । ତା ସ୍ୱାମୀର ଯେମିତି ସନ୍ତାନ ଚଉଦ ବର୍ଷ ଏଗାର ମାସ ଅଣତିରିଶ ଦିନ ହୋଇଥାଉ ।

ଷଷ୍ଠୀ କହିଲେ—ଆଉ ଉପାୟ ନାହିଁ ଯମ । ତୁମେ ତୁମ ଘରକୁ ଯାଅ । ଲକ୍ଷ୍ମୀଙ୍କ କଥା ଆଉ ଖଣ୍ଡନ କରିବ କିଏ ? ମଦନାନନ୍ଦକୁ କେବେ ହେଲେ ପନ୍ଦର ବର୍ଷ ହେବ ନାହିଁ କି ସେ ମରିବ ନାହିଁ ।

ସତକୁ ସତ ସେଇଆ ହେଲା । ଯମ ଫେରିଗଲେ ଘରକୁ । ମଦନାନନ୍ଦ ଉଠି ଜରି ଗୁଡ଼ିଗଲା । ମହାବା ଜଣକ ଘଡ଼ି ପିବାରୁ, ଜଗନ୍ନାଥ ସ୍ୱପ୍ନରେ ଯାଇ ସାହାଡ଼ା ସୁନ୍ଦରୀକୁ କହିଲେ—ତୋ ସ୍ୱାମୀର ମୃତ୍ୟୁରିଷ୍ଟ କଟିଗଲା । ଏଥର ସୁଖରେ ଘରକୁ ଯା । ଆଉ କିଛି ଭୟ ନାହିଁ । ଏ କଥା ଶୁଣି ସାହାଡ଼ା ସୁନ୍ଦରୀ ମଦନାନନ୍ଦକୁ ନେଇ ଘରକୁ ଫେରିଲା । ସମସ୍ତେ ଆନନ୍ଦ ହେଲେ । ମାତ୍ର ଜନ୍ମଦିନ ପରେ ମଦନାନନ୍ଦ ଯୋଉଁଏ ଦାସୀ ପ୍ରେମରେ ପଡ଼ି ବିଷ ଖୁଆଇ ଦେଲା ସାହାଡ଼ା ସୁନ୍ଦରୀକୁ । ମଣିଷ ହୋଇଥିଲେ ବଞ୍ଚି ନ ଥାନ୍ତା । ଦେବକନ୍ୟା ହେଲୁ ବଳେ ଉଦରରେ ବିଷ ପୂର୍ଣ୍ଣ ଗଳିଗଲା ତା ବସାକୁ । କୋରଡ଼ ଭିତରେ ଥାଇ କହିଲା—

ମରଣକୁ ଜିଣି ପ୍ରାଣ ରଖିଲି ଯାହାର
ବିଶ୍ୱାସଘାତକ ପଣ ଦେଖି ମୁଁ ତାହାର
ହଜୁଛଇ ଗୋ
ନାରୀ ମନ ପୁରୁଷ ଅଟଇ ଗୋ ।

Digitized by srujan ka@gmail.com

ଏଣୁ ମୁଁ ପୁରୁଷ ସଙ୍ଗେ ଆଉ ନ ରହିବି
ବିଶ୍ୱାସ ଘାତକ ହୋଇ ନାଗର ପିଟିବ
ସଟଙ୍କ ଶୁଣ ଗୋ
ଅବିଶ୍ୱାସୀ ପୁରୁଷର ଗୁଣ ଗୋ ।

ଶୁଆ ପଚାରିଲା—ଏଥିକି ଦାଁ ଆଉ ଅଛି ?

ଶାରୀ କହିଲା—ସାଗରର ଯେମିତି ଅନ୍ତ କୂଳ ନାହିଁ ପୁରୁଷ ମାନଙ୍କ ଦୁର୍ଗୁଣର ସେମିତି ଅନ୍ତ କୂଳ ନାହିଁ । କହୁଥିଲେ କଣ ସରିବ କରେ ଶୁଆ ?

ଶୁଆ କହିଲା—ହଉ, ହଉ, ସେତିକରେ ଥାଉ ବନ୍ଦ କର । ଆଜି ରାତି ଅନେକ ହେଲାଣି । ଟିକିଏ ଶୋଇବା । କାଲିକି ପୁଣି ଦେଖା ଦେଖି ।

ଶାରୀ କହିଲା—ହଉରେ
ତୋ ବଇଁଶ ଢଲୁଆ ନଜରେ ।
କାଲି କ ପଢ଼ିବ ଆଗେ ତୋ ପାଳି
ପକାଇବୁ ଯୋଉ କାହାଣୀ ଗାଳ ମୁଁ
ଦେବ ତା'ର ପ୍ରତ୍ୟୁତ୍ତର,
ଦେଖିବା କିଏ ସେ ହାରିବ କିଏ ସେ
ଜଣିବ ଅଭକୁ ଅର ।
ଶେଷ ହେଲା ଏଠି ଚତୁର୍ଥ ଭାଗ
ପିଲାଏ ମୁଣ୍ଡରେ ବାନ୍ଧୁଥା ପାଗ
ମୁଁ ଯାଉଛି ପଢ଼ିବ ଶୋଇ
ପଞ୍ଚମ ଭାଗରେ ଶୁଆ ଶାରୀ ପୁଣି
ଖୋଜା ଖୋଜି ହେବେ ଯୋଇ ।

ମୁଦ୍ରାକର—ଶ୍ରୀ ନାରାୟଣ ପଣ୍ଡା, ଶାରଦା ପ୍ରେସ୍,
ସେକ୍ ବଜାର, କଟକ-୮

Digitized by srujan ka@gmail.com

ଶାରଦା ପ୍ରେସ ପ୍ରକାଶିତ ପୁସ୍ତକାବଳୀ

ମହାଲକ୍ଷ୍ମୀ ପୁରାଣ	୫-୫୦	ବେତାଳ ପଞ୍ଚବିଂଶତି	୩-୫୦
ସଖି ବିନୋଦ	୫-୨୫	ଗୀତ ଗୋବିନ୍ଦ	୧-୭୫
ଶୁଆସାରୀ ସେଟ୍	୮-୫୦	ଅବୋଲକର ସେଟ୍	୮-୦୦
ପଦ୍ମ ପୁରାଣ	୪-୫୦	ଶ୍ରୀମଦ୍ଭାଗବତ ଗୀତା	୪ ୦୦
ବିଲଙ୍କା (ପୂର୍ବ)	୩-୦୦	ଲକ୍ଷ୍ମୀ ପୁରାଣ (ଗ୍ଲେଜ)	୦-୯୦
ବିଲଙ୍କା (ଉତ୍ତର)	୩-୫୦	ଶୁକବିଳାସ	୩-୫୦
କଳ୍କି ପୁରାଣ	୫-୦୦	ଖୁଲଣା ସୁନ୍ଦରୀ	୩-୫୦
ଜୈମିନି ଭାରତ	୮-୦୦	ଗୃହଶାଳୀ ପାଠ	୧-୨୫
ଗରୁଡ଼ ପୁରାଣ	୩-୨୫	ଟୀକା ଗୋବିନ୍ଦଚନ୍ଦ୍ର	୧-୨୫
ମାର୍କଣ୍ଡେୟ ପୁରାଣ	୭-୦୦	ହନୁମାନ ପ୍ରଶ୍ନ	୧-୨୫
ସୂର୍ଯ୍ୟ ପୁରାଣ	୩-୫୦	ବର୍ଣ୍ଣବୋଧ	୦-୯୦
ଶ୍ରୀରାମଲୀଳା	୪-୫୦	ଗୋପଲୀଳା	୪-୫୦
ଟୀକା ରାମାୟଣ	୧-୨୫	ଏକାଦଶ ସ୍କନ୍ଧ	୩-୫୦
କାର୍ତ୍ତିକ ମାହାତ୍ମ୍ୟ	୩-୨୫	ଉତ୍କଳ କାହାଣୀ	୧-୭୫
ଛନ୍ଦ ରତ୍ନାକର	୩-୨୫	ଅଦ୍ଭୁତ କାହାଣୀ	୧-୫୦
ବତିଶ ସିଂହାସନ	୩-୫୦	ନାକେଦମ୍ (ସେଟ୍)	୩-୦୦
ଭାଛ୍ୟଚାଭକ୍ତି ସେଟ୍	୭-୫୦	ଚଣ୍ଡୀପୁରାଣ	୩-୭୫
ଭାଗବତ ସେଟ୍	୩୨-୦୦	ନାମରତ୍ନ ଗୀତା	୪-୫୦
ଦ୍ୱାରକା ଲୀଳା	୫-୨୫	ହିବ୍ଲଷୀ	୦-୯୦
ଖନାବଚନ	୨-୨୫	କୋକଶାସ୍ତ୍ର	୩-୫୦
ଗଣେଶ ପୁରାଣ	୨-୭୫	ରାଜକୁମାରୀ (ସେଟ୍)	୫-୫୦

—ପ୍ରାପ୍ତିସ୍ଥାନ—

ଶାରଦା ପ୍ରେସ

ଗ୍ରେକ୍ ବଜାର, କଟକ-୮

Digitized by srujan ka@gmail.com